ଯଶସ୍ୱୀ

(କାବ୍ୟ)

-ମାଟିର କବି-

ସୁରେଶ ଚନ୍ଦ୍ର ଚୌହାନ

ଯଶସ୍ୱୀ
(କାବ୍ୟ)

ଲେଖକ:
ସୁରେଶ ଚନ୍ଦ୍ର ଚୌହାନ
ଆଶାପୁରି, ବରିକେଲ
ବରଗଡ଼-୭୬୮୦୩୬
ମୋ-୮୧୧୭୯୧୨୬୬୪

ପ୍ରକାଶକ: ପଲ୍ଲବୀ କ୍ରିଏସନ୍ସ, ଡୁଙ୍ଗୁରିପାଲି
୯୯୩୭୯୮୬୮୯୭
ପ୍ରଥମ ପ୍ରକାଶ: ନଭେମ୍ବର, ୨୦୨୪
ପ୍ରଚ୍ଛଦ: ପ୍ରବିଣ
ମୂଲ୍ୟ: ୧୦୦/-

JASHASWEE

Writer:
Suresh Chandra Chouhan
Aashapuri, Barikel
Bargarh-768036
Mob:8117912664

Publisher: Pallavi Creations, Dunguripali
Mob-9937986897
First edition: November, 2024
Cover: Pravin
Price: 100/-

ଉତ୍ସର୍ଗ...

ବରେଣ୍ୟ ନମସ୍ୟ ମାତା ଶ୍ରୀ ଶ୍ରୀ ସମଲେଶ୍ୱରୀ ଦେବୀଙ୍କ ଚରଣ ଯୁଗଳରେ ଏହି "ଯଶସ୍ୱୀ" ଐତିହାସିକ କାବ୍ୟଟି ଉତ୍ସର୍ଗୀକୃତ କଲି ।

ଇତି

ଭବଦୀୟ

ସୁରେଶ ଚନ୍ଦ୍ର ଚୌହାନ

ପାଠକଙ୍କୁଁ ପଦେ



ଶ୍ରଦ୍ଧେୟ ପାଠକ ବୃନ୍ଦ, ଶ୍ରୀ ଶ୍ରୀ ସମଲେଶ୍ୱରୀଙ୍କ ଅଶେଷ କୃପାରୁ ଏହି ଐତିହାସିକ "ଯଶସ୍ୱୀ" କାବ୍ୟ ଅଠରଟି ସର୍ଗରେ ସମ୍ପୂର୍ଣ୍ଣ କଲି । ଏହି କାବ୍ୟଟି ବଳରାମ ଦେବଙ୍କ ହୀରାଖଣ୍ଡ ରାଜ୍ୟର ପ୍ରତିଷ୍ଠା, ସମଲେଶ୍ୱରୀ ଦେବୀଙ୍କ ଆବିର୍ଭାବ, ସମ୍ବଲପୁରର ଉତ୍ପ ି, ପଶ୍ଚିମ ଓଡ଼ିଶାର ପର୍ବପର୍ବାଣୀ, ବଳରାମ ଦେବଙ୍କ ଶାସନ ପ୍ରଣାଳୀ ଆଦି ବିଭିନ୍ନ ବିଷୟ ତଥା ରାତ୍ର, ପ୍ରାତଃ ଓ ଋତୁ ବର୍ଣ୍ଣନା ସହିତ, ବିଭିନ୍ନ ଛନ୍ଦ ଓ ରସରେ ରସାଣିତ ଅଟେ । ଆପଣମାନେ ଲୁକ୍କାୟିତ ଇତିହସକୁ ପଢ଼ି ନିଶ୍ଚିତ ଭାବେ ଆନନ୍ଦିତ ହେବେ ବୋଲି ମୋର ଆଶା ଓ ବିଶ୍ୱାସ ।

ଆପଣମାନଙ୍କୁ ଆନନ୍ଦିତ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଛି । ଆପଣମାନେ ଗଳାରେ ଲମ୍ବାଇ ପାରନ୍ତି ବା ପାଦରେ ଦଳି ପାରନ୍ତି । ଆପଣଙ୍କ ଇଚ୍ଛା । କିଛି ତ୍ରୁଟି ବିଚ୍ୟୁତି ଥିଲେ ମାର୍ଜନା କରିବେ ।

ସୁରେଶ ଚନ୍ଦ୍ର ଚୌହାନ

ଅଭିମତ

ସାରସ୍ୱତ ସୁର ଭାରତୀ ପ୍ରତିଭା ସମନ୍ୱିତ ବିଦ୍ୱତ୍ ବରେଣ୍ୟ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ଚୌହାନଙ୍କ କରକମଳ କୃତ "ଯଶସ୍ୱୀ" ଐତିହାସିକ କାବ୍ୟ ସଂପ୍ରତି ସଚେତନ ଧର୍ମି ଜନସାଧାରଣ ଛାତ୍ରଛାତ୍ରୀ ଓ ଜ୍ଞାନ ପିପାସୁ ବ୍ୟକ୍ତି ବିଶେଷ ଉକ୍ତ କାବ୍ୟର କୀର୍ତ୍ତି ସୌରଭରେ ସୁରଭିତ ହେବା ସହ ଶଙ୍କାଛନ୍ନ ଭାବରୁ ନିବୃତ ହୋଇ ପଶ୍ଚିମ ଓଡ଼ିଶା ସମ୍ବଲପୁରର ସର୍ବଶ୍ରେଷ୍ଠ ଶକ୍ତିପୀଠ ସମଲେଶ୍ୱରୀ ଓ ଆଂଚଳିକ ଇତିବୃ ସ୍ୱାଭିମାନ ସମ୍ପର୍କରେ ଅବବୋଧିତ ହୋଇପାରିବେ ବୋଲି ମୋର ଆଶା ଓ ବିଶ୍ୱାସ । ପରମାର୍ଥ ସତ୍ୟ ଓ ତଥ୍ୟକୁ ସଂଗ୍ରହ କରି ଜନମାନସରେ ସତ୍ୟ ଭାବାବେଗ ସୃଷ୍ଟି କରିବା ଓ କାବ୍ୟିକ ଛଟାରେ ସାରଳା ଦାସଙ୍କ ପରି ସୁସାହିତ୍ୟର ସୌଷ୍ଠବଶ୍ରୀ ସୃଷ୍ଟି କରିବା ଏବଂ ଯଥାର୍ଥ ଜ୍ଞାନ ପରମାକୃତି ପ୍ରଯତ୍ନରେ ଓଡ଼ିଆ ସାହିତ୍ୟର ସ୍ୱତନ୍ତ୍ର ସମାଜ ଗଠନ କରିବା ପାଇଁ ଶ୍ରୀଯୁକ୍ତ ଚୌହାନଙ୍କ ପ୍ରୟାସ ନିଶ୍ଚିତ ଭାବରେ ପ୍ରଶଂସନୀୟ । ଉକ୍ତ କାବ୍ୟର ସାର ନିର୍ଯ୍ୟାସ ଉପାଦେୟତାକୁ ସରସାନ୍ତକରଣରେ ସାଦର ସ୍ୱୀକାର ପୂର୍ବକ ସୁସାହିତ୍ୟିକ, ସଜ୍ଜନ, ସହୃଦୟ ଉତ୍ସାହ ଉଦ୍ଦୀପନା ଯୋଗାଇ ପାରିଲେ ଉତ୍କଳ ଭାରତୀର ସର୍ବୋତ୍କୃଷ୍ଟ ସୌଭାଗ୍ୟ ପଙ୍କଜଶ୍ରୀ

ପ୍ରସ୍ଫୁଟିତ ହେବା ସହ ସାହିତ୍ୟ ସାଧକ ସୁରେଶ ଚନ୍ଦ୍ରଙ୍କ ଶ୍ରମ ସାର୍ଥକ ହୋଇପାରିବ ବୋଲି ମୋର ଅଭିମତ । ଶ୍ରୀଯୁକ୍ତ ଚୌହାନଙ୍କ ପ୍ରଣୀତ ପୁସ୍ତକଟି ବିହଗାଙ୍ଗବଲୋକନ କରି ଅତିଶୟ ପ୍ରୀତ ହୋଇ ତାଙ୍କର ଶାନ୍ତି, ସ୍ୱସ୍ତି ଓ ନିରାମୟ ଜୀବନ ନିମି ପରମପିତା ପରମାତ୍ମାଙ୍କୁ ଚିର ପ୍ରାର୍ଥନା ଓ ପରମକାମନା ।

ଭାଗୀରଥି ପଣ୍ଡା (ଅଧ୍ୟାପକ)
ସାହିତ୍ୟାଚାର୍ଯ୍ୟ (ଏମ୍.ଏ.)
ଲାଲାଜୀ ଗୋପାଲଜୀ ସଂସ୍କୃତ ମହାବିଦ୍ୟାଳୟ
ବରିକେଲ, ବରଗଡ଼

ସମଲେଶ୍ୱରୀ ଅଷ୍ଟକମ୍

୧.　ଆଦ୍ୟେ ଆଶାପୁରୀ ମଦାଶିବକରୀ ତ୍ରେତୟା ଲଙ୍କେଶ୍ୱରୀ ।
ଦ୍ୱାପରେ କୁମାରୀ ଅମୃତ ବିତରୀ ମାତା କୃପା ସାଗରୀ ।
ବ୍ରହ୍ମାନନ୍ଦ ପ୍ରଦାୟିନୀ ରୂପଧରୀ ମୋହିନୀ ଶୁଭଙ୍କରୀ ।
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ ॥

୨.　କଳି କାଳୋଦ୍ଧରୀ କୋଶଳେ ବିଚରୀ ମାତା ସୁର୍ଗୁଜେଶ୍ୱରୀ
ମାୟା ମୋହମୟୀ ଜନୋଦୟକରୀ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ ।
ଦୀପଶିଖାଧରୀ ସୀମନ୍ତିନୀନାରୀ ଶିମୁଳିପିଠେଶ୍ୱରୀ ।
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ॥

୩.　ଉଦ୍ୟଚ୍ଚନ୍ଦ୍ର ପ୍ରଭାକରୀ ଅଭୟଦାଂ ହେଗୁମଦର୍ହେଶ୍ୱରୀ
ନାଭୀଚକ୍ର ବିନୋଦିନୀ ତ୍ୱ ତ୍ରିପୁରା ପ୍ରତ୍ୟକ୍ଷମାହେଶ୍ୱରୀ ॥
ଗଡ଼ଶମ୍ଭରେ ତୁ ଶ୍ରୀଗଡଶମ୍ଭରୀ ଶକ୍ତିରୂପୀ ଶଙ୍କରୀ
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ॥

୪.　ପୃଷ୍ଟେଛତ୍ର ପ୍ରଭା ଗାତ୍ରେପାଟବସ୍ତ୍ର ହସ୍ତେ ଖଡ୍ଗ ଉଦ୍ଧରୀ
ଚୈତ୍ରେ ଚ ବିଚରୀ ସର୍ବ ଦୁଃଖହରୀ ମାତା ପାଟଣେଶ୍ୱରୀ ।
ଅରାଜକହରୀ ଶାସନ ସୁଧରୀ ମାତା ମାଣିକେଶ୍ୱରୀ
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ॥

୫.　ଆ ˊତ୍ରାଣକାରୀ ବ୍ରାହ୍ମୀରୂପଧରୀ ଶତ୍ରୁସଦା ସଂହରୀ
ଗରୁଡ଼ାରୋହିଣୀ ବୈଷ୍ଣବୀ ସୁନ୍ଦରୀ କାରୁଣ୍ୟ ପୂର୍ଣ୍ଣେଶ୍ୱରୀ
ରୂପ ଗୁଣହରୀ ତ୍ୱମେବ କୁମାରୀ ଚିତ୍ରୋତ୍ପଳା ବିହାରୀ ।
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ ॥

୬. ନାରସିଂହୀରୂପଧରୀ ଭୟଙ୍କରୀ ରକ୍ଷ ସଦାସଂହରୀ
ଐନ୍ଦ୍ରୀରୂପଧରୀ ଐରାବତୋପରୀ ଆଧାରଢ଼ ଶଙ୍କରୀ ।
ବଜ୍ରଧନୁଧରୀ ଆପଦ ସଂହରୀ ଲୋକହିତେ ଭ୍ରାମରୀ
ତ୍ରାହିମାଂ କୋଶଳେ ସଦାସୁଖ କରୀ ଶ୍ରୀ ସମଲାଖ୍ୟେଶ୍ୱରୀ ॥

୭. ଚଣ୍ଡୀରୂପଧରୀ ପରିକ୍ରମାକରୀ ହ୍ରୀଂ ବୀଜମନ୍ତ୍ରାକ୍ଷରୀ
ବିଦ୍ୟାଦାନକରୀ ବୀଣା ସହଚରୀ ଅମୃତବାଗୀଶ୍ୱରୀ
ଧାତା ଶକ୍ତିଧରୀ ମାତା ସୁରେଶ୍ୱରୀ ବାସ ସୁବର୍ଣ୍ଣପୁରୀ
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ

୮. ଭକ୍ତଦୁଃଖହରୀ ରିପୁବିମର୍ଦ୍ଦନୀ ପ୍ରତ୍ୟକ୍ଷ ବ୍ରଜେଶ୍ୱରୀ
କଳାନଗହରୀ ଘ ଘି ଧରୀ ଦୀନା ର୍ ସର୍ବୋଦ୍ଧରୀ
ଭକ୍ତାନନ୍ଦକରୀ ସ୍ୱାନ୍ନ ସୁବିତରୀ ଧର୍ମାର୍ଥ ଶ୍ରଦ୍ଧାକରୀ
ତ୍ରାହିମାଂ କୋଶଳେ ସଦାସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ।

ପଣ୍ଡିତ ସୁରେଶ ଚନ୍ଦ୍ର ଚୌହାନ
ବରିକେଲ, ବରଗଡ଼
ମୋ-୮୧୧୭୯୧୨୬୬୪

ସୂଚୀପତ୍ର

୧.	ପ୍ରଥମ ସର୍ଗ: ସମଲେଶ୍ୱରୀ ବର୍ଣ୍ଣନା	୧୧
୨.	ଦ୍ୱିତୀୟ ସର୍ଗ: ପାଟଣା ନଗର ବର୍ଣ୍ଣନା, ବଳରାମ ଓ ନୃସିଂହ ଦେବଙ୍କ ଜନ୍ମ	୧୫
୩.	ତୃତୀୟ ସର୍ଗ: ନରସିଂହ ଓ ବଳରାମଙ୍କ ବାଲ୍ୟଲୀଳା	୨୦
୪.	ଚତୁର୍ଥ ସର୍ଗ: ବାରଭାଇ ବେ କାର ସହ ବଳରାମ ଦେବଙ୍କ ହୁଗୁଳୀ ନଦୀ କୂଳରେ ଯବନଙ୍କ ସହିତ ଯୁଦ୍ଧ	୨୫
୫.	ପ ମ ସର୍ଗ: ନରସିଂହ ଦେବଙ୍କ ଦ୍ୱାରା ବାରଭାଇ ବେ କାରଙ୍କୁ ବୋଡାସମ୍ବର ରାଜ୍ୟ ପ୍ରଦାନ । ବେ କାରଙ୍କ ରାଜ୍ୟ ସ୍ଥାପନ	୩୬
୬.	ଷଷ୍ଠ ସର୍ଗ: ନରସିଂହ ଓ ବଳରାମ ଦେବଙ୍କ ବିବାହ ନରସିଂହଙ୍କ ଅଭିଷେକ ବର୍ଣ୍ଣନା	୪୦
୭.	ସପ୍ତମ ସର୍ଗ: ଇଳାବତୀ ରାଣୀଙ୍କ ଗର୍ଭ ଯାତନା ବଳରାମ ଦେବଙ୍କ ମାୟାବତୀ ନଦୀ ସନ୍ତରଣ କରି ସୁବୁଦ୍ଧିନୀ ଧାଇଆଣି ପ୍ରସବ କରାଇବା କଥା ବର୍ଣ୍ଣନ	୪୪
୮.	ଅଷ୍ଟମ ସର୍ଗ: ପ୍ରଭାତ ବର୍ଣ୍ଣନା ନରସିଂହ ଦେବ ଭାଇ ବଳରାମ ଦେବଙ୍କୁ ହୀରାଖଣ୍ଡ ରାଜ୍ୟ ଭାଇ ଭାଗ ପ୍ରଦାନ ବରଗଡ଼ ରାଜ୍ୟ ନିର୍ମାଣ	୪୮
୯.	ନବମ ସର୍ଗ: ଶରତ ଋତୁ ବର୍ଣ୍ଣନା ଓ ବଳରାମଙ୍କ ଦୁର୍ଗାପୂଜା	୫୩

୧୦.	ଦଶମ ସର୍ଗ: ବଳରାମ ଦେବଙ୍କ ଆଖେଟ୍ କ୍ରୀଡ଼ା ସମଲେଶ୍ୱରୀଙ୍କ ଆବିର୍ଭାବ	୫୯
୧୧.	ଏକାଦଶ ସର୍ଗ: ମହାନଦୀ ବର୍ଣ୍ଣନା ଓ ସମଲପୁର ଗଡ଼ ପ୍ରତିଷ୍ଠା	୭୦
୧୨.	ଦ୍ୱାଦଶ ସର୍ଗ: ସମଲପୁର ନଗର ବର୍ଣ୍ଣନା	୭୫
୧୩.	ତ୍ରୟୋଦଶ ସର୍ଗ: ରାତ୍ର ବର୍ଣ୍ଣନା, ସ୍ୱପ୍ନରେ ସମଲେଶ୍ୱରୀ ବଳରାମ ପ୍ରତି ସେବା ମାଗିବା ଓ ଶାଳ୍ମଳୀ ତରୁ ବର୍ଣ୍ଣନା	୮୦
୧୪.	ଚତୁର୍ଦ୍ଦଶ ସର୍ଗ: ବଳରାମ ଦେବଙ୍କ ଦିଗ୍‌ବିଜୟ	୮୬
୧୫.	ପ ଦଶ ସର୍ଗ: ବରଗଡ଼େ ଧନୁ ଉତ୍ସବ ଓ ପୌଷ ପୂର୍ଣ୍ଣିମା ପର୍ବ	୯୧
୧୬.	ଷୋଡ଼ଦଶ ସର୍ଗ: ବସନ୍ତ ବର୍ଣ୍ଣନା ଓ ବଳରାମ ଦେବଙ୍କ ଶାସନ ପ୍ରଣାଳୀ	୯୭
୧୭.	ସପ୍ତଦଶ ସର୍ଗ: ପାଟଣାଗଡେ ଅରାଜକତା, ପୁତ୍ର ହମୀର ଦେବଙ୍କୁ ସମାଧାନ ପାଇଁ ପ୍ରେରଣ ଓ ବଳରାମଙ୍କ ଦେହାନ୍ତ	୧୦୧

-୦-

ପ୍ରଥମ ସର୍ଗ: ରାଗ ମଙ୍ଗଳ ଗୁଜ୍ଜରୀ
ସମଲେଶ୍ୱରୀ ବର୍ଣ୍ଣନା

ଜୟ ତୁ ସମଲେଶ୍ୱରୀ କୋଶଳ ଜନନୀ
ଜୀବନ୍ତ ପ୍ରତିମା ରୂପୀ ସେବ୍ୟା କାତ୍ୟାୟନୀ ।୧।
ଉମା ହୈମବତୀ ଗୌରୀ ଭବାନୀ ରୁଦ୍ରାଣୀ
କାଳୀ କରାଳି ମାଉଳୀ ମଙ୍ଗଳା ସର୍ବାଣୀ ।୨।
ଶିବା ଅପର୍ଣ୍ଣା ପାର୍ବତୀ ଦୁର୍ଗତି ନାଶିନୀ
ଅମ୍ବିକା ମୃଡ଼ାନୀ ଚଣ୍ଡୀ ଗିରିଜା ନନ୍ଦିନୀ ।୩।
ପୁରାଣ ମତେ ଏମନ୍ତେ ଡାକନ୍ତି ଜଗତେ
ସମଲେଶ୍ୱରୀ ନାମଟି ସ୍ୱଚ୍ଛେ ଶୁଭେ ତତେ ।୪।
ଭରସା କରିଛି ଏଣୁ ତୋ ସେବାକୁ ଇଚ୍ଛି
ଭକ୍ତି ପ୍ରେମେ ପ୍ରାର୍ଥୁ ଅଛି ପ୍ରସାଦକୁ କିଛି ।୫।
କି ବର୍ଣ୍ଣିବି ତବରୂପ ନାମ ତୋ ଅରୂପା
ଅଖିଳ ବ୍ରହ୍ମାଣ୍ଡ ଯାର ପାଦରଜ ରୂପା ।୬।
ସ୍ୱେଦ ବିନ୍ଦୁ ବିନ୍ଦୁ ଯାର ତାରା ଗ୍ରହ ପଂକ୍ତି
ବିଚ୍ଛୁରିତ ଦିବ୍ୟ କାନ୍ତି ରବିକର ଭ୍ରାନ୍ତି ।୭।
ପାଦର ଅଳତା ବିନ୍ଦୁ ଦିଶେ ବାଳ ଇନ୍ଦୁ
କର ଚରଣ ଅଙ୍ଗୁଳି ରବିକର ନିନ୍ଦୁ ।୮।
ଶୋଭେ ପାଦର ନୂପୁର ଛାୟା ପଥ ହରି
ଯା କାନ୍ତି ଉଭବେ ଚନ୍ଦ୍ରକାନ୍ତି ନୁହେଁ ସରି ।୯।
ବ୍ରହ୍ମାଣ୍ଡ ଭାଣ୍ଡ ଯା ଦଣ୍ଡ ଚରଣ ଯୁଗଳେ
ବିରାଜିଛି ସ୍ତମ୍ଭ ପ୍ରାୟ ସୁରୁଚି କୋମଳେ ୧୦।
ଆଗମ ନିଗମ ରୂପା ଉରୁ ଦ୍ୱୟ ଯାର
ଶୋଭେ ନିବିଡ଼ ପୃଥୁଳ ବର୍ଣ୍ଣନେ ଅପାର ।୧୧।

ପାଟବସ୍ତ୍ର ଶୋଭେ ତୋର ଶ୍ରୀଅଙ୍ଗ ପ୍ରସାରି
ଗଙ୍ଗା ସଲିଳ କଲ୍ଲୋଳ ସୁରୁଚି ବଲ୍ଲରୀ ।୧ ୨।
ବକ୍ଷଜ ଶୋଭଇ ତୋର ଭାସ୍କର ଚନ୍ଦ୍ରମା
ଏକତ୍ର ଉଦୟ ହୋଇ ବିରାଜେ ସୁଷମା ।୧୩।
ବିବିଧ ମନ୍ଦାର ମାଳ ଲମ୍ବି ତୋର ଗଳେ
ଗ୍ରନ୍ଥିତ ହୋଇଛି ସବୁ ଅଦ୍ଭୁତ କୌଶଳେ ।୧ ୪।
ବିବିଧ ରତନହାର ଲମ୍ବି ବକ୍ଷ ଦେଶେ
କୋଟି କୋଟି ଗ୍ରହମାଳା ବିରାଜଇ କି ସେ ।୧ ୫।
ବସୁଧା ବପୁଧା କେବେ ନ ହୋଇବେ ଭିନ୍ନ
ସକଳ ଆଧାର ରୂପା ଦେବୀ ବପୁ ଜାଣ ।୧ ୬।
ହସ୍ତ ଯୁଗଳ ଯାହାର ପୁରାଣ ଯୁଗଳେ
ରାମାୟଣ ଭାରତ କି ଭାରତ ମଣ୍ଡଳେ ।୧ ୭।
କର ଚରଣ ପଦ୍ମକୁ ଚାରିବେଦ ଜାଣ
କଳ୍ପ ଦ୍ରୁମ ବିରାଜିଛି ଶରୀର ନିର୍ମାଣ ।୧ ୮।
ବାହାଁ ବାହୁଟି କଙ୍କଣ ଯାବତ ଭୂଷଣ
ଶତଶତ ପୂର୍ଣ୍ଣଚନ୍ଦ୍ର ରାଜଇ ଭୂଷଣ ।୧ ୯।
କରାଙ୍ଗୁଳି ନଖଦ୍ୟୁତି ବିଚ୍ଛୁରିତ ହୋଇ
ଆଲୋକିତ କରୁଛନ୍ତି ଦିବା ନିଶି ଯହିଁ ।୨ ୦।
ଦେବୀ ମୁଖ ବର୍ଣ୍ଣିବାକୁ ଶକ୍ତି ନାହିଁ ମୋର
ରବି ତେଜ ସମଦୃଷ୍ଟି ମୁଦ୍ରିତ ନେତ୍ରର ।୨ ୧।
କର୍ଣ୍ଣର କୁଣ୍ଡଳ ଦ୍ୱୟ ସୂର୍ଯ୍ୟ ଚନ୍ଦ୍ର ପ୍ରାୟ
ବିରାଜିଛି ଶ୍ରୁତି ତୀରେ ସ୍ନାତ ସ୍ୱର୍ଣ୍ଣମୟ ।୨ ୨।
ମୁକୁଳିତ କେଶ ଜାଳ ତମମୟ ଜିଣି
ଶ୍ରାବଣୀ ଅମାବାସ୍ୟାକୁ ନିଶାର୍ଦ୍ଧ ରଜନୀ ।୨୩।
ପ୍ରକୃତି ରୂପରେ ତୋର ମସ୍ତକ ନିର୍ମାଣ
କୋଟି କୋଟି କଳ୍ପ କଳ୍ପେ ହୋଇଛି ସୃଜନ ।୨ ୪।

ଦକ୍ଷିଣେ ଶୋଭଇ ପବି ଚିତ୍ରୋତ୍ପଳା ନଦୀ
ଅଙ୍ଗ ଧୌତ କରୁଥାଏ ଯୁଗଯୁଗ ଭେଦୀ ।୨୫।
ସ୍ୱଚ୍ଛଳ ସଲିଳ ବତୀ ସେହି ମହାନଦୀ
ପ୍ରତିଦିନ ରବିକରେ ଦ୍ୱିଗୁଣିତ ଜ୍ୟୋତି ।୨୬।
ଶତଦଳ କମଳକୁ ଶ୍ରଦ୍ଧାବୋଲେ ଯେଣୁଁ
କାଳିନ୍ଦ୍ରୀ କମଳ ବନ ପ୍ରାୟ ଦିଶେ ତନୁ ।୨୭।
ଆଶ୍ୱିନ ଧବଳରୂପ ଧବଳ କୁସୁମ
ଭକତ ଜନଙ୍କ ହୃଦେ କରେ ଆହ୍ଲାଦନ ।୨୮।
ଆଶ୍ୱିନ ଚଇତ୍ର ମାସ ମଙ୍ଗଳ ଦିବସେ
ଧ୍ୟାନ ପୂଜନ କରନ୍ତି ଜନେ ଅଘନାଶେ ।୨୯।
ବିବିଧ ଉତ୍ସବ ମେଳା ଭିଆଣ ତାଙ୍କର
ଭକତ ଜନଙ୍କ ଅର୍ଥେ କରୁଣା ଅପାର ।୩୦।
ଶିରେ ହେମ ରଜତ ମୁକୁଟ ଛତ୍ର ଶିଖା
ବିସ୍ତାରିତ ଇନ୍ଦ୍ରଧନୁ ଜ୍ୟୋତିର୍ମୟ ରେଖା ।୩୧।
କମନୀୟ ଜନନୀ ଗୋ ସନ୍ତାନ ବତ୍ସଳେ
ସଂକଟ ସମୟ କାଳେ ଭୈରବୀ ପ୍ରବଳେ ।୩୨।
ପ୍ରବାଳ ଆନନେ ଦୃଷ୍ଟି ଶୋଭନ ପଡୁଛି
ବିଶେଷ ବିପଦେ ଭକ୍ତ ଯହିଁ ପ୍ରବେଶିଛି ।୩୩।
ଦ୍ୱାର ଦେଶେ ଶୋଭେ ତୋର ଭୈରବୀ ଯୋଗିନୀ
ଅଷ୍ଟ ଐଶ୍ୱର୍ଯ୍ୟ ଦାୟିନୀ ଶକ୍ତି ବିବର୍ଦ୍ଧିନୀ ।୩୪।
ଧରଣୀ ସ୍ତମ୍ଭ ରକ୍ତରେ ସର୍ବଦା ରଞ୍ଜିତ
ଦେଖି ଦର୍ଶକ ଜନଙ୍କ ହୃଦେ ଭୀତଜାତ ।୩୫।
ଧନ୍ୟ ଜନନୀ ତୋହର ମୋହିନୀ ପ୍ରତିମା
ଧରଣୀ ତଳରେ ଯାର ବିରାଜେ ସୁଷମା ।୩୬।
ଭରସା କରିଛି ମୋର ଅନ୍ତିମ ଜୀବନ
ତୋ ସେବା ସେବିବାକୁ ମୋ ବୋଲାଇଛି ମନ ।୩୭।

କୃପା ବୋହି କୃପାମୟୀ କୃପାଦାନ କର
ପବିତ୍ର ହେଉ ମୋ ହୃଦ ଲେଖି ଦେଖି କର ।୩୮।
ଶୁଣ କୋବିଦେ ଭାରତ ଖଣ୍ଡେ ବୀରଭୂମି
ପାଟଣା ନାମ ଶୁଣନ୍ତେ ଯେ ବୀର ପ୍ରଣମି ।୩୯।
ଚୌହାନ ବଂଶ ଶାସକ ରମାଇଁ ରାଜନ
ସତ୍ୟ ଶାନ୍ତି ଦୟା କ୍ଷମା ପାଳନ୍ତି ସଜ୍ଜନ ।୪୦।
ପ ବିଂଶ ବର୍ଷ ଭୋଗ ଅନ୍ତେ ମହାଲିଙ୍ଗ
ପା ବର୍ଷ ସଂବତ୍ସର କରିଥିଲେ ଭୋଗ ।୪୧।
ତଦନ୍ତେ ତାଙ୍କର ପୁତ୍ର ଦେବ ବତ୍ସରାଜ
ପ   ବିଂଶ ବର୍ଷ ଯୁଦ୍ଧେ କଲେ ରାଜ୍ୟ ଜୟ ।୪୨।
ପ୍ରଥମ ବୈଜଳ ଦେବ ନୃସିଂହ ମନ୍ଦିର
ତୋଳାଇ ପଚିଶ ବର୍ଷ ସାରିଲେ ତାଙ୍କର ।୪୩।
ତାଙ୍କ ପୁତ୍ର ଭୋଜରାଜ ପ ବିଂଶ ବର୍ଷ
ଭୋଜପୁର ଦୁର୍ଗଗତି ବିତାଇ ଆୟୁଷ ।୪୪।
ପ ବିଂଶ ବର୍ଷ ଭୋଗ ସେ ପ୍ରତାପ ରୁଦ୍ର
ବିଳାସ ବ୍ୟସନେ ତାଙ୍କ ସମୟ ଅନ୍ତର ।୪୫।
ବିକ୍ରମାଦିତ୍ୟ ନାମରେ ପରାକ୍ରମୀ ବୀର
ବୈଶ୍ୟରୁ ଛଡାଇ ରାଜ୍ୟ ଅର୍ପଣ ପଣ୍ଡର ।୪୬।
ଶିଶୁପାଳ ପର୍ବତରେ ସେ ତୋଳାଇ ଦୁର୍ଗ
ଏମନ୍ତ ପଚିଶ ବର୍ଷ କରିଲେକ ଭୋଗ ।୪୭।
ଦ୍ୱିତୀୟ ବୈଜଳ ଦେବ କାବ୍ୟ ଶାସ୍ତ୍ର ଭଣି
କବିପଣେ ତନ୍ତ୍ରପଣେ ନ୍ୟାୟିକରେ ଗଣି ।୪୮।
କାବ୍ୟ ଶାସ୍ତ୍ରରେ ଆମୋଦ ପ୍ରମୋଦ କରିଣ
ପଚିଶ ବର୍ଷ ସମୟ ଦେଲେକ ସାରିଣ ।୪୯।
ଦ୍ୱିତୀୟ ବୈଜଳପରେ ହୀରାଧର ଦେବ
ତେତିଶ ବର୍ଷ ଶାସନ ଅଳଂକୃତ ହେବ ।୫୦।
ଏକାବନ ପଦେ ଗୀତ କରି ସମାପନ
ସମଲେଶ୍ୱରୀ ବର୍ଣ୍ଣିଲା ସୁରେଶ ଚୌହାନ ।୫୧।

-୦-

ଦ୍ୱିତୀୟ ସର୍ଗ: ରାଗ ପଞ୍ଚହ ମଞ୍ଜରୀ
ପାଟଣା ନଗର ବର୍ଣ୍ଣନା, ବଳରାମ ଓ ନୃସିଂହ ଦେବଙ୍କ ଜନ୍ମ

ଶୁଣହେ କୋବିଦ ଜନ ମନ କର୍ଣ୍ଣ ଦେଇ
କୋଶଳ ଦେଶେ ପାଟଣାପୁର ଶ୍ରେଷ୍ଠେ ରହି ଯେ ।୧।
କି କହିବା ସେ କଟକ ଛଟକ ପଞ୍ଚକୁ
ରବି ଚନ୍ଦ୍ର ତାରା ବହ୍ନି ଦୀପ୍ତୀ ପଟଳକୁ ଯେ ।୨।
ଅଛନ୍ତି ଧନରେ ଧନୀ ଧନପତିମାନେ
ଧନଦ ନୋହିବେ ସମ ଯିବେ ଅପମାନେ ଯେ ।୩।
କେବଳ ହୋଇବେ ସମ ଦାନ ମାନ ପଣେ
ତେବେ ଯାଗଯଜ୍ଞ ସିନା ଚଳେ ପ୍ରତିଦିନେ ଯେ ।୪।
କୋଟି କୋଟି ଭାର ସ୍ୱର୍ଣ୍ଣ ପ୍ରତି ଗୃହେ ଅଛି
ତେଣୁ ସୌନ୍ଦର୍ଯ୍ୟ ଲାବଣ୍ୟ ଲକ୍ଷ୍ମୀ ସମ୍ଭବିଛି ଯେ ।୫।
ପର୍ବତ ପର୍ବତ ସମ ହର୍ଶ୍ୟ ମାନ ଅଛି
ସେ ପଥେ ଜଳଦ ମାଳା ଅଟକି ଯାଉଛି ଯେ ।୬।
ସୁଧାଧୌତ ଭି ି ଶୁଭ୍ରକାନ୍ତି ହର୍ମ୍ୟ ଯହିଁ
ପ୍ରାତ ତୁଷାର ଧବଳେ ଲିପ୍ତ କିବା ସେହି ଯେ ।୭।
କପୋତ ପାଳିକା ଝୁଲେ ସର୍ବ ଗୃହେ ଗୃହେ
ଖୁଡିଆ ବସା ଯେସନେ ଖଜୁରୀ ବହଙ୍ଗେ ଯେ ।୮।
ସନ୍ଧ୍ୟା କାଳେ ଦେବାଳୟେ ଶଙ୍ଖ ଘ ମାନ
ବାଜି ଉଠେ ଗୃହେ ଗୃହେ ଦୁନ୍ଦୁଭି କମ୍ପନ ଯେ ।୯।
ବିଦ୍ୟୁତ ଆଲୋକ ଜଳି ସେ ପୁର ମଧ୍ୟରେ
ଭ୍ରାନ୍ତି ଉପୁଯାଏ ରାତ୍ରେ ଗଗନ ପ୍ରକାରେ ଯେ ।୧୦।
ବିଡାଳ ନୟନ ଯହିଁ ଗବାକ୍ଷ ମାର୍ଗରେ
ନୀଳମଣି କାନ୍ତି ତୁଲ୍ୟ ବିରାଜେ ନେତ୍ରରେ ଯେ ।୧୧।
ପଡିଛି ପ୍ରସସ୍ତ କୃଷ୍ଣ ରାଜପଥ ଯହିଁ
ରଜ ରେଣୁ ଦେଖିବାକୁ ନମିଳଇ ତହିଁ ଯେ ।୧୨।

ରାଜପଥ ପାର୍ଶ୍ୱେ ଦୁଇ ଆପଣ ସମସ୍ତ
ଦୃଷ୍ଟି ଲୋଭେ ଟାଣିନିଏ ଗ୍ରାହକ ସମସ୍ତ ଯେ ।୧୩।
ଦିବ୍ୟ ଯାନମାନ ଚଳେ ଅତିଶୟେ ଯହିଁ
ପିପିଲିକା ଗତି ପ୍ରାୟେ ଭ୍ରାନ୍ତି ଉପୁଜଇ ଯେ ।୧୪।
ହସ୍ତୀ ଘୋଡ଼ା ମହିଷାଦି ଯାବତ ଜିନିଷ
ସ୍ୱଳ୍ପ ମୂଲ୍ୟେ କିଣାବିକା କରନ୍ତି କୃଷକ ଯେ ।୧୫।
ହୀରାନୀଳା ଅଷ୍ଟରତ୍ନ ଦୁର୍ମୁଲ୍ୟ ଯେତେକ
ବିଳରୁ ଖନନ କରି ବିକନ୍ତି କୃଷକ ଯେ ।୧୬।
କଦଳୀ ଅଙ୍ଗୁର ସେ ଓ ନାରିକେଳ ଟଭା
ବିବିଧ ସୁସ୍ୱାଦୁ ଫଳ ପରିପୂର୍ଣ୍ଣ ଶୋଭା ଯେ ।୧୭।
ବସନ ବାସନ ଆଦି ଦୋକାନ ଯେତେକ
ମନୋହର ଦିଶୁଥାଏ ବେନି ପଥେ ଯାକ ଯେ ।୧୮।
କଂସା ବାସନ ରେଶମ ଦୋକାନ ଯହିଁରେ
ସୂର୍ଯ୍ୟାଲୋକେ ହିମଗିରୀ କାନ୍ତି କି ତହିଁରେ ଯେ ।୧୯।
ଭେଷଜ ଦୋକାନ ଗନ୍ଧ ବିଚ୍ଛୁରୀତ ଯହିଁ
ଗନ୍ଧମାର୍ଦ୍ଦନ ପର୍ବତ ସ୍ୱରୂପକୁ ତହିଁ ଯେ ।୨୦।
ବିବିଧ ପରିବା ଦ୍ରବ୍ୟ ବିପଣି ଆଳରେ
ମାଳି ବାଟିକା ପରାୟେ ଶୋଭେ ସେ କାଳରେ ଯେ ।୨୧।
ମନୋହର ଦୋକାନର ମନୋହର ରୂପ
ଦର୍ଶକ କ୍ରେତାଙ୍କ ହୃଦ ହରଇ ଅମାପ ଯେ ।୨୨।
ପାନ ଦୋକାନ ହୋଟେଲ ସର୍ବତ୍ର ସମ୍ଭବ
ମିଷ୍ଟ ସ୍ୱାଦ ଆଦାନରେ ଅମୃତ ଉଭବ ଯେ ।୨୩।
କମାର କୁରାଳ ଶିଳ୍ପ କାରୀଗର ଗଣ
ଉନ୍ନ   ସାମଗ୍ରୀ ତହିଁ କରନ୍ତି ପ୍ରମାଣ ଯେ ।୨୪।
ସୁବର୍ଣ୍ଣ ହାର କରଣେ ସିଦ୍ଧାର୍ଥ ସୁନାରୀ
ବିଶ୍ୱକର୍ମା ଶିଷ୍ୟପଣେ ରହିଯେ ତାହାରି ଯେ ।୨୫।

ଶିଶୁକାଳୁଁ ମେଧାବିନୀ ଅସ୍ତ୍ରଶସ୍ତ୍ର ବିଦ୍ୟା
ବଜ୍ରଧର ହାରିଯିବେ ଚାଳନେ ଧନୁଜ୍ୟା ଯେ ।୨୬।
ଆଜନ୍ମରୁ ମଲ୍ଲବିଦ୍ୟା ଶିଖନ୍ତି ସେ ଜନ
ବୀରତ୍ୱ ପଣରେ ଅନ୍ୟେ ନୋହିବେ ସମାନ ଯେ ।୨୭।
ଶିଶୁକାଳୁଁ ପୁରଜନେ ଆବାଳ ବନିତା
ଭକ୍ଷଣ ଲବଙ୍ଗ ନାଗବଲ୍ଲୀ କେହୁ ଅଦା ଯେ ।୨୮।
ଏଣୁଁ କଣ୍ଠରୋଧ ବାଧାହୀନ ଦିବ୍ୟତାନ
ଶିଖି ଦେବୀ ଚରିତ କରନ୍ତି ଭ୍ରମି ଗାନ ଯେ ।୨୯।
କୁଆଁରୀ ପାଟଣା ବୋଲି ରହି ଯେଉଁପୁର
ତନ୍ତ୍ର ବିଦ୍ୟା ସାଧନରେ ନାରୀ ଧୁରନ୍ଧର ଯେ ।୩୦।
ବଜ୍ର ଜାତି ହସ୍ତୀ ବିନା ନ କିଣନ୍ତି କେହି
ସିନ୍ଧୁ ଜାତି ଅଶ୍ୱ ବିନା ନ ବସନ୍ତି କେହି ଯେ ।୩୧।
ଶିବ ଦୁର୍ଗା ପୂଜା ବିନା ନ ଜାଣନ୍ତି କେହି
ତେଣୁ ବୀରତ୍ୱରେ ସିନା ଜୟ କଲେ ମହି ଯେ ।୩୨।
ଖଡ୍ଗ ଚର୍ମ ଆଢ଼େଣୀ ଧାରଣ ନ ପାଇ
ଖଡ୍ଗ ଚର୍ମରୁ ଆନ ଚର୍ମ ନ ଯୋଗାଇ ଯେ ।୩୩।
ଯହିଁ ବ୍ରହ୍ମ ଅସ୍ତ୍ର ବଜ୍ର କବଚ ମିଳଇ
ଅନ୍ୟ ଅସ୍ତ୍ର କବଚରେ ଅନୁରାଗ କାହିଁ ଯେ ।୩୪।
ଚାରି ଜାତି କନ୍ୟା ମଧ୍ୟେ ପଦ୍ମିନୀ ଅନେକେ
ଅନ୍ୟ ଜାତି ନାରୀ ଯହିଁ ପରିଚାରୀ ଥୋକେ ଯେ ।୩୫।
ନୃତ୍ୟଗୀତ ଶ୍ରବଣରେ ଯହିଁ ନିତି ନିତି
ମହୀ ମଧ୍ୟେ ସ୍ୱର୍ଗ କି ସେ ହୋଇଛି ଉପ୍ ି ଯେ ।୩୬।
ସେ ନଗର ନରବର ନାମ ହୀରାଧର
ହୀରାବତୀ ନାମେ ପାଟ ମହିଷୀ ତାଙ୍କର ଯେ ।୩୭।
ବେଦ ବେଦାନ୍ତେ ପଣ୍ଡିତ ବ୍ୟାକରଣେ ହର
ସଙ୍ଗୀତରେ ନାରଦ ଶୃଙ୍ଗାର ଶାସ୍ତ୍ରେ ମାର ଯେ ।୩୮।

କବି ପଣେ କାଳିଦାସ ଜ୍ୟୋତିଷେ ଗୀଷ୍ପତି
ଅଶ୍ୱାରୋହେ ଦିବାକର ରୂପେ ନିଶାପତି ଯେ ।୩୯।
ଧନୁର୍ଦ୍ଧରେ ଅରଜୁନ ଗଦାରେ ସେ ଭୀମ
ଦାନ ପଣେ ରଘୁରାଜାମାନେ ଦୁର୍ଯ୍ୟୋଧନ ଯେ ।୪୦।
ବଳି ପଣେ ବଳୀରାଜା ଧାର୍ମିକେ ଯୁଧିଷ୍ଠି
ସୁନ୍ଦରରେ ପୁରନ୍ଦର ସୃଷ୍ଟି ପରମେଷ୍ଟି ଯେ ।୪୧।
ଧନରେ ଧନଦ ସମ ଧୈର୍ଯ୍ୟେରେ ସେ ପୃଥ୍ୱୀ
ପୁତ୍ରାର୍ଥେ ଅନେକ ବ୍ରତେ ତୋଷନ୍ତି ସେ ଦେବୀ ।୪୨।
ଶ୍ରୀ ପାଟଣେଶ୍ୱରୀ ଦେବୀ ଇଷ୍ଟ ସମଲାଇ
ଧ୍ୟାନ ପୂଜନ କରନ୍ତି ମଙ୍ଗଳବାରେ ଯାଇ ।୪୩।
ଆଶ୍ୱିନ ମାସର ଶେଷ ଚତୁର୍ଥ ପାଳିରେ
ତୋଷିଲେ ଦେବୀ ଦ୍ୱୟଙ୍କୁ ସଭକ୍ତି ଚି ରେ ।୪୪।
ସ୍ୱପ୍ନରେ ବୋଇଲେ ରାଣୀ ନ ହୁଅ ବିରସ
ସିଦ୍ଧି ଫଳ ଦେଉଅଛୁଁ କର ତୁହିଁ ଗ୍ରାସ ଯେ ।୪୫।
ଏମନ୍ତ କହିଣ ଦୁଇ ଚତୁଫଳ ଦେଇ
ଅନ୍ତର୍ଦ୍ଧ୍ୟାନ ହେଲେ ବେନି ଦେବୀଦ୍ୱୟ ତହିଁ ଯେ ।୪୬।
ବରଘେନି ସ୍ୱପ୍ନାଦେଶ ଫଳ ମହାଦେବୀ
ଭୁଞ୍ଜିଲେ ସାନନ୍ଦେ ହୃଦେ ଭକ୍ତି ପ୍ରେମେ ସେବି ଯେ ।୪୭।
ଶୁଭ ବେଳ ପତି ଯୋଗେ ଗର୍ଭ ଶୁଭ୍ର କେଶୀ
ଦିନୁ ଦିନ ଶୋଭା ତାର ଚନ୍ଦ୍ର ପ୍ରାୟ ଦିଶି ଯେ ।୪୮।
କ୍ଷୀଣ ତନୁ ପୀନ ହେଲା ସିଂହକଟୀ ପରି
ମର୍ଦ୍ଦଳ କାରେ ଉଦର ବଢ଼ଇ ତାହାରି ଯେ ।୪୯।
କଟୀଶାଟୀ ବକ୍ଷେ ଯାଇ ବସା ସେ କରିଲା
ଚୁଚୁକ ଶ୍ୟାମଳା କୃତି ସ୍ତନ ବରତୁଳା ଯେ ।୫୦।
ବେଶଭୂଷା କ୍ରମେ କ୍ରମେ ଅରୁଚି ତାହାର
ଆହାର ବିହାର ନିଦ୍ରା ରୁଚିହୀନ ତାର ଯେ ।୫୧।

ଆଳସ୍ୟ ଦେହେ ବିରାଜି ସାନ୍ଦ୍ରତା ଲାବଣ୍ୟ
ଜୃମ୍ଭା ପୁନଃ ପୁନଃ ମୋତେ ଅଙ୍ଗଘନ ଘନ ଯେ ।୫୧।
ଦଶମାସ ଦଶଦିନ ହେଲା ଉପଗତ
ଉ ମ ଲଗନେ ସୁତ ଦ୍ୱୟ କଲେ ଜାତ ଯେ ।୫୨।
ସୂତୀକା ଗୃହରେ ଯେତେ ବିଧି ଶେଷ କଲେ
ଏକ ବିଂଶ ଦିନେ ଦୋଳି ଶୟନ କରିଲେ ଯେ ।୫୩।
ମହା ଆଡ଼ମ୍ବରେ ପୁରେ ସତ୍ୟ ପିର ପୂଜି
ଆବାଳ ବ୍ରାହ୍ମଣ ଡାକି ମିଷ୍ଟ ଦେଲେ ଭୋଜି ଯେ ।୫୪।
ଯୋଗ ଲଗ୍ନ ଜନ୍ମତିଥି ଦେଖି ପୁରୋହିତ
ନରସିଂହ ବଳରାମ ନାମେ ଅବିହିତ ଯେ ।୫୫।
ରାତ୍ରେ ପାଲା ସଂକି ର୍ନ୍ୟ ପୁରେ ଭିଆଇଲେ
ମନୋରଞ୍ଜନ କାର୍ଯ୍ୟରେ ଚି ରସାଇଲେ ।୫୬।
ବ୍ରାହ୍ମଣ ଦାନରେ ତୋଷି ଭିକ୍ଷୁକେ ଭୋଜନ
ପ୍ରସାଦ ପ୍ରଦାନ କରି ତୋଷି ପୁରଜନ ଯେ ।୫୭।
ଶୁଭ ଆଶୀର୍ବାଦ ଦେଇ ସେ ସକଳ ଜନ
ଅତି ଆନନ୍ଦେ ଫେରିଲେ ନିଜନିଜ ସ୍ଥାନ ଯେ ।୫୮।
ଅଠାବନ ପଦେ ରାଜପୁତ୍ର ଜନ୍ମ କଥା
ସୁରେଶ ଗାଇଣ ଗୀତେ ନତକରି ମଥା ଯେ ।୫୯।

-୦-

ତୃତୀୟ ସର୍ଗ: ରାଗ ରାମକେରୀ
ନରସିଂହ ଓ ବଳରାମଙ୍କ ବାଲ୍ୟଲୀଳା

ଶୁଣ ହେ ରସିକେ ପୁରାଣ ରସ ମନକୁ ଦେଇ
ପକ୍ୱ ମଧୁମୟ ରସାଳ ରସ ବାତ୍ସଲ୍ୟ ଏହି ।୧।
ଚାଖିଲା ରସନା ଜାଣିବ ସିନା ପୂର୍ବ ବାସନା
ଜଡଜନ ଜଡା ଭାବନା କରେ ମୁଢ଼ କଳ୍ପନା ।୨।
କଳୁଷ ମଧ୍ୟରୁ ସଲିଳ ଟାଣେ ସାଧୁ ଦିନେଶ
ସମସ୍ତ ଅନ୍ତରୁ ଜ୍ଞାନ ଆହରେ ବିଜ୍ଞ ନରେଶ ।୩।
ଖଳ ଅଳସୁଆ ଦୁର୍ଜନ ଜନ ବୃଥା କଳ୍ପନା
ପର କୁତ୍ସାରଟୀ ସମୟ ସାରେ କରି ଭାବନା ।୪।
ନିଜ ଦୋଷଗୁଣ ଦୁର୍ବଳ ଆଚ୍ଛାଦନ ସେ କରି
ପରକୃତ ଦୋଷ ଗୁଣକୁ ସଦା ମୁଖେ ଉଚ୍ଚାରି ।୫।
ପରନିନ୍ଦା ଯେହୁ ହୃଦରେ ନିଜେ ନିଏ ଆଦରି
ପରନିନ୍ଦା ପାତ୍ର ସଂସାରେ ହୁଏ ସେ ଦୁରାଚାରୀ ।୬।
ଘଣା ଇକ୍ଷୁପେଡି ଅମୃତ ରସ ବାହାର କରି
ଭିନ୍ନ କରିଥାଏ ଅସାର ଛୁଇ ଅମୃତ ବାରି ।୭।
ତେସନ ପ୍ରକାରେ ସଜ୍ଜନ କୃତି ପଣ୍ଡିତ ଜନ
ନିରାସାର ଗୁଣ ଅସାର ମଣି କରଇ ଭିନ୍ନ ।୮।
ଏମନ୍ତ ପ୍ରକାରେ ଶୁଣ ହେ ଧିରେ ବାତ୍ସଲ୍ୟ ରସ
ରାଜ ପୁରେ ଶିଶୁ ଖେଳନ୍ତି ଯଥା କାସାରେ ହଂସ ।୯।
ପିଞ୍ଜିର ମଧ୍ୟରେ ଶୁକ ଭାଷନ୍ତି ପ୍ରାତେ ଯେସନ
ମଶାରୀ ପଲଙ୍କେ ଭାଷନ୍ତି ରାଜପୁତ୍ର ତେସନ ।୧୦।
ଆଡବାଡ ଖଟ ପଲଙ୍କ ପୁହା ବହଙ୍ଗ ଧରି
ଅତି ଉତ୍ସୁକରେ ଚାଳନ୍ତି ପୁତ୍ରେ ହୁଙ୍କାର କରି ।୧୧।
କ୍ଷଣେ ପଡି କ୍ଷଣେ ଉଠନ୍ତି ବାରମ୍ୱାର ପ୍ରଚେଷ୍ଟା
ପ୍ରିୟ ଜନ ହୃଦ ଅନ୍ତରୁ ସଦା ହରନ୍ତି ବ୍ୟଥା ।୧୨।

ଦରଦର ଭାଷା ବୋଲନ୍ତି ଅତି ନିର୍ମଳ ସ୍ୱରେ
ବସନ୍ତ କାନନେ ଯେସନେ ପିକ ତାନ ସ ।ରେ ।୧୩।
ତାନା ତାନା ତାନା ନା ନା ନାନା ବା ବା ବା ବା ବା
ତାଳି ମାରି ପୁତ୍ରେ ନାଚନ୍ତି ଦେଖି ଦର୍ଶକ କାବା ।୧୪।
ବସନ୍ତି ଉଠନ୍ତି ଭାଷନ୍ତି ସେହୁ ଅତି ଉତ୍ସୁକେ
ହସନ୍ତି କାନ୍ଦନ୍ତି ନାଚନ୍ତି କ୍ଷଣେ କ୍ଷଣେ ପୁଲକେ ।୧୫।
ପୂର୍ଣ୍ଣିମା ଚନ୍ଦ୍ରମା ଦର୍ଶନେ ଯଥା ସିନ୍ଧୁ ଲହରୀ
ମାତା ପିତା ବନ୍ଧୁ ବାନ୍ଧବ ଚି   ହ୍ଲାଦନକାରୀ ।୧୬।
ଶାଳ ବୃକ୍ଷ ପରି ବଢ଼ନ୍ତି ପୁତ୍ରେ ଦିନକୁ ଦିନ
ବିକଶଇ ତନୁ ଉଦୟ ବାଳ ରବି ସମାନ ।୧୭।
ଏମନ୍ତ ପ୍ରକାରେ ବାଲ୍ୟ ସମୟ ପା   ବରଷ
ଅତି ଉତ୍ସୁକରେ ଯତନେ ତାଙ୍କ ହୋଇଲା ଶେଷ ।୧୮।
ହୀରାଧର ଦେବ ପଲଙ୍କେ ଦିନେ ଶୟନ କରି
ପୁତ୍ର ଚିନ୍ତାରେ ସେ ଚିନ୍ତିତ ହୋଇ ହୁଅନ୍ତି ଘାରି ।୧୯।
ମାତା ଶତ୍ରୁ ପିତା ଅଇରି ଯାର ପୁତ୍ର ନ ପଢ଼େ
ନିନ୍ଦିତ ହୁଅନ୍ତି ସଂସାରେ ମୁର୍ଖ ପୁତ୍ର ଶ୍ରୀଗଡ଼େ ।୨୦।
ସାରସା କୁଳରେ ବକ ସଦୃଶ ଅଜ୍ଞାନୀ ଜନ
ସଭା ମଣ୍ଡଳରେ ଜଡ଼ ନନ୍ଦନ ଅଶୋଭାବନ ।୨୧।
କୁମନ୍ତ୍ରେ ନୃପତି ବିନାଶ ହୁଏ ଦୃଷ୍ଟ ସଙ୍ଗରେ
ବାଲ୍ୟକାଲୁଁ ପୁତ୍ର ବିନାଶ ଯାଏ ପ୍ରେମୀ ସଙ୍ଗରେ ।୨୨।
ମାଦକ ସେବନେ ଲଜ୍ଜା ହୁଅଇ ଶୀଘ୍ର ବିନାଶ
ଅଦର୍ଶନେ କୃଷି କୃଷକ ହୁଏ ଶୀଘ୍ର ବିନାଶ ।୨୩।
ଅନାଦରେ ବନ୍ଧୁ ଦୁଃଚାରେ ସାଧୁ ହୁନ୍ତି ବିନାଶ
ବାରମ୍ବାର ଦାନେ ଅନନ୍ତ ଧନ ତତକ୍ଷଣେ ଶେଷ ।୨୪।
ନୀତିହୀନ ଗୁରୁ ଆଜ୍ଞା ପାଳନେ ବ୍ ତ ଶିକ୍ଷା
ନିୟନ୍ତ୍ରଣ ହୀନ ଚାଳକ ଯଥା ଜୀବନ ଶିଖା।୨୫।

ବିଦ୍ୟା ବୁଦ୍ଧି ଯେଉଁ ପୁତ୍ରର ନୋହି ସାରା ଜୀବନ
ବହୁ ସନ୍ତାନର ଜନନୀ ପିତା ବନ୍ଧ୍ୟା ସମାନ ।୨୬।
ପ୍ରାତକାଳୁଁ ଜବେ ହକାରୀ ମନ୍ତ୍ରୀ ସେ ନୃପବର
ବୋଇଲେ ମନ୍ତ୍ରୀ ହେ ଆଣଜା ଶୀଘ୍ର ପଣ୍ଡିତ ବର ।୨୭।
ଯେଉଁ ଗୁଣି ଜ୍ଞାନୀ ପଣ୍ଡିତ ପୁତ୍ରେ ଦେବେ ସୁଶିକ୍ଷା
ଷଡ଼ମାସେ ନୀତି ମାର୍ଗରେ ଦେଇପାରିବେ ଦୀକ୍ଷା ।୨୮।
ନୃପଙ୍କ ଆଦେଶେ ସେ ମନ୍ତ୍ରୀବର ହେଲେ ବାହାର
ଛାଲୁରାମ ପଣ୍ଡା ମନ୍ଦିରେ ଯାଇ ହେଲେ ହାଜର ।୨୯।
ଦେଖିଲେ ମୃଣ୍ମୟ କାନ୍ଥରେ ଲେଖା ଶ୍ରୁତି ବଚନ
ଶୁକଶାରୀ ସଦା କରନ୍ତି ଯହିଁ ସାମ ପଠନ ।୩୦।
ସ୍ୱଚ୍ଛ ଶାନ୍ତି କାନ୍ତି ଶୋଭଇ ବେଶ୍ମ ସୁରୁଚି ରୁଚି
ଗୋମୟ ଲେପିତ ପବିତ୍ର ବାସ ଯଜ୍ଞ ଆହୁତି ।୩୧।
ଦ୍ୱାରଦେଶେ ତାଙ୍କ ଶୋଭଇ ଦେବ ତୁଳସୀ ପିଠ
ଧୂପଦୀପ ପୁଷ୍ପ ସୁଗନ୍ଧି ଯହିଁ ସୁରଭି ପ୍ରୀତ ।୩୨।
ଗୃହ ଚତୁର୍ଦ୍ଦିଗେ ଶୋଭନ୍ତି ନାନାପୁଷ୍ପ ବାଟିକା
ଫୁଲଫଳ ପୂର୍ଣ୍ଣ ଆଶ୍ରମ ଦେଖି ମନ୍ତ୍ରୀ ତଟକା ।୩୩।
ତରୁଗଣ ଙ୍କର ଶାଖାରେ ମହୁଫେଣା ଝୁଲଇ
ପକ୍ଷୀଗଣ ସଦା ଆରାମେ ଆରାମେ ରହଇ ।୩୪।
ଯଜ୍ଞ କୁଣ୍ଡ ଶୋଭେ ଅଗ୍ନିରେ ଦିବ୍ୟ ଶିଖାକୁ ବୋହି
ପବିତ୍ର ହୋମର ଧୂମରେ ଚତୁର୍ଦ୍ଦିଗ ଶୋଭଇ ।୩୫।
ଶିଷ୍ୟ ଗଣଙ୍କର କଣ୍ଠରୁ ବେଦମନ୍ତ୍ର ଝଙ୍କାର
ଗଗନ ପବନ ପ୍ରଶାରେ ମଦାଶ୍ରୁତି ମଧୁର ।୩୬।
ଅଧ୍ୟୟନ କକ୍ଷେ ଶୋଭଇ ଦିବ୍ୟ ପୁସ୍ତକ ପେଟି
ଧାଡି ଧାଡି ମାଳା ରାଜୁଛି ତହିଁ ରୁଦ୍ରାକ୍ଷ ଗଣ୍ଠି ।୩୭।
ଶିଷ୍ୟଗଣ ଚାରୁପାର୍ଶ୍ୱରେ ବେଢ଼ି ଶିଖନ୍ତି ଶ୍ରୁତି
ବାହାରୁଛି ମୁଖୁ ଅମୃତ ବାଣୀ ସୁ ସ୍ୱର ଗୀତି ।୩୮।

ଦେବଗଣେ ଗୁରୁ ସେ ବୃହସ୍ପତି ଶୋଭନ୍ତି ଯଥା
ଶିଷ୍ୟ ମେଳେ ଛାଲୁ ପଣ୍ଡିତ ଗୁରୁ ଶୋଭନ୍ତି ତଥା ।୩୯।
ହସ୍ତରେ ତାଙ୍କର ଶୋଭଇ ଗୀତା ପୁସ୍ତକ ଗୋଟି
ମୁଖରେ ସର୍ବଦା ବସନ୍ତି ସେ ବାଣୀ ସରସ୍ୱତୀ ।୪୦।
ମସ୍ତକରେ ତାଙ୍କ ଶୋଭଇ ଲାଲ ସିନ୍ଦୁର ଗାର
ଶିରରେ ଶୋଭଇ କପିଳ ଜଟା ସୁ ମନୋହର ।୪୧।
ବିନୟ ବଚନେ ସଭକ୍ତି କରଯୋଡ଼ି ମସ୍ତକେ
ସାଷ୍ଟାଙ୍ଗ ପ୍ରଣମି ବୋଇଲେ ଗୁରୁ ରକ୍ଷ ପାତକେ ।୪୨।
ଉଠ ଉଠ କହି ଆଶିଷ ଦେଇ କହିଲେ ଗୀର
କେଉଁ କାରଣରେ ଆସିଲ ବୀର ବତାଅ ଶୀଘ୍ର ।୪୩।
ସାଷ୍ଟାଙ୍ଗେ ଉଠିଣ ସ ଭୟେ ପ୍ରେମେ ସେ ମନ୍ତ୍ରୀବର
ସୁସ୍ୱର ମଧୁର ବଚନ ପ୍ରକାଶିଲେ ସତ୍ୱର ।୪୪।
ରାଜାଙ୍କ ଆଦେଶେ ଆସିଛି ତବ ପୁର ସନ୍ନିଧି
ରାଜପୁତ୍ରେ ଜ୍ଞାନ ପ୍ରଦାନ ପାଇଁ ହେ ଗୁଣନିଧି ।୪୫।
ମନ୍ତ୍ରୀଙ୍କ ବଚନ ଶୁନିଣ ଜ୍ଞାନୀ ପଣ୍ଡିତ ବର
ସର୍ବଜନଙ୍କର ନୁହଇ ବିଦ୍ୟାରେ ଅଧିଶ୍ୱର ।୪୬।
ଭକ୍ତି ଭୟ ଶ୍ରଦ୍ଧା ଜିଜ୍ଞାସା ଯଦି ଥିବ ଶିଷ୍ୟର
ତେବେ ସିନା ଜ୍ଞାନ ସଂପଦେ ସେ ହେବ ଅଧିକାର ।୪୭।
ଦୁର୍ଜନ କାତର ଭକତି ଗୁଣ ଥିଲେ ଶକତି
କି କାର୍ଯ୍ୟେ ଆସିବ ଶିଷ୍ୟର ଏତାଦୃଶ ଭକତି ।୪୮।
ବିଜ୍ଞ ଭକ୍ତି ହୀନ ଯାହାର ଗୁଣ ଥିବ ସଂସାରେ
କି କାର୍ଯ୍ୟେ ଆସିବ ସେ ଗୁଣ ଥାଇ ହୃଦ ଅନ୍ତରେ ।୪୯।
ମଧୁରସ ଯୁକ୍ତ ରସାଳ ଯଥା ଦୁର୍ଲ୍ଲଭ ବନେ
ନିର୍ଭିକ ଭକତି ବିନୟ ଗୁଣ ତଥା ସୁଜନେ ।୫୦।
ଶୁଭ ଲଗ୍ନ ବେଳେ ଆଣ ଯା ରାଜପୁତ୍ର ମୋ ପୁର
ସ୍ୱର୍ଣ୍ଣ ପୁଟ ପରି ରସାଣି ଶିଷ୍ୟ ହେବେ ମୋହର ।୫୧।

ପଣ୍ଡିତ ବଚନେ ଯେ ବୀର ତହୁଁ ଗଲା ସତ୍ୱର
ରାଜପୁରେ ଯାଇ କହିଲା ଗୁରୁଙ୍କ ସମାଚାର ।୫୨।
ଗୁରୁଙ୍କ ସମ୍ମତି ଶୁଣିଣ ନୃପ ଆନନ୍ଦ ହେଲେ
ବିଦ୍ୟା ଅଧ୍ୟୟନ ସକାଶେ ପୁତ୍ରେ ପଠାଇ ଦେଲେ ।୫୩।
ରାଜପୁତ୍ର ଘେନି ପଣ୍ଡିତ ବିଦ୍ୟା ଆରମ୍ଭ କଲେ
ନାନା ଦୃଷ୍ଟାନ୍ତରେ ବୁଝାଇ ବିଦ୍ୟା ପ୍ରଦାନ କଲେ ।୫୪।
ଚିଲିକା କୋଳରେ ସାରସ ଶୀତ କାଳେ ଯେସନ
ପୂର୍ବଜନ୍ମ ବିଦ୍ୟା ସ୍ମରଣ ହେଲା ପୁତ୍ରେ ତେସନ ।୫୫।
ଚଉଦ ବରଷେ ଚଉଦ ବିଦ୍ୟା କଲେ ଆୟ
ଗୁରୁଙ୍କୁ ଦକ୍ଷିଣା ପ୍ରଦାନ କରି ହେଲେ ମୁକତ ।୫୬।
ବିନମ୍ରେ ପ୍ରଣମି ସେ ପୁତ୍ର ଦୁହେ ବିଦାୟ ନେଲେ
ସନ୍ତୁଷ୍ଟ ଚି ରେ ବାହୁଡି ନିଜ ଗୃହେ ରହିଲେ ।୫୭।

-୦-

ଚତୁର୍ଥ ସର୍ଗ: ରାଗ ବଙ୍ଗଳାଶ୍ରୀ

ବାରଭାଇ ବେ କାର ସହ ବଳରାମ ଦେବଙ୍କ
ହୁଗୁଳୀ ନଦୀ କୂଳରେ ଯବନଙ୍କ ସହିତ ଯୁଦ୍ଧ ।

ଦିନେ ହୀରାଧର   ମନ୍ତ୍ରୀଙ୍କ ସଙ୍ଗର
ରାଜକାର୍ଯ୍ୟେ ଥିଲେ ବ୍ୟସ୍ତ
ମନ୍ଥର ଗତିରେ   ଦ୍ୱାରୀ ବିନତିରେ
ଏକ ପତ୍ର କଲା ନ୍ୟସ୍ତ ।୧।
ଚିଟାଉ ଫିଟାଇ   ସରାଗେ ଅନାଇ
ମୁକୁନ୍ଦ ଦେବ ପ୍ରେରିତ
ଆଦରି ହୃଦରେ   ପଢ଼ିଲେ ଯତ୍ନରେ
ହୋଇଲେ ସେ ଅବଗତ ।୨।
ଶୁଣ ମନ୍ତ୍ରୀବର   କହିଲେ ସତ୍ୱର
ଲେଖିଛି ଉତ୍କଳେଶ୍ୱର
ପ୍ରିୟମିତ୍ର ମୋର   ହେ କୋଶଳେଶ୍ୱର
ଶୁଣ ଦୁଃଖ ସମାଚାର ।୩।
ତିନିମାସ ହେଲା   ଯୁଦ୍ଧ ନ ସରିଲା
ଯବନ ସଙ୍ଗେ ମୋହର
ହୁଗୁଳି ନଦୀର   ରହି ଆରପାର
ଯୁଦ୍ଧ କରୁଛି ମୋଠାର ।୪।
କରି ରାଜ ସଙ୍ଗେ   ମୃଗରାଜ ରଙ୍ଗେ
ରଣ ରଣାଙ୍ଗଣେ ପରି
ଯବନର ସାଥେ   ରଣ କରି ହାତେ
ବାରଣ କରି ନ ପାରି ।୫।

ଏଣୁଁ ହେ ମଇତ୍ର   ମାଗୁଛି ତ୍ୱରିତ
ପଠାଅ ବୀର ଦୁର୍ବାର
ଦେଢ଼ କୋଶଯାଏ   ଲକ୍ଷ ଭେଦଯାଏ
ସେ ବୀର ମୋ ଦରକାର ।୬।

ଅନ୍ୟଥା ହୋଇଲେ   ହସିବେ ସକଳେ
ନିନ୍ଦିବେ ବିପକ୍ଷ କୁଳ
ଏତିକି ମାଗୁଛି   ଆହେ ବନ୍ଧୁ ଇଚ୍ଛି
ପଠାଅ ହୁଗୁଳି କୂଳ ।୭।

ରାଜାଙ୍କ ମୁଖରୁ   ଚିଟାଉ ପାଠରୁ
ବୋଇଲେ ସୁମନ୍ତ୍ରୀ ବର
ନୀତି ଶାସ୍ତ୍ରେ ଅଛି   ସୁଭାଷିତ ପଂକ୍ତି
ଉ ମ ମିତ୍ର ବେଭାର ।୮।

ମିତ୍ର ଆଗମନ   କରିଣ ଦର୍ଶନ
ଉଠିବ ଆସନ ପ୍ରେକ୍ଷି
ଉ ମ ସକ୍ାର   କରିବ ବେଭାର
ନମିବ ଆସନେ ରଖି ।୯।

ଅମୃତ ବଚନେ   ଭାଷିବ ପ୍ରସନ୍ନେ
ଆବର କୁଶଳ ଯେତେ
ତେବେ ସିନା ବନ୍ଧୁ   ଭାବ ପ୍ରେମ ସିନ୍ଧୁ
ଯାବତ ଥିବ ଜଗତେ ।୧୦।

ବିପଦରେ ବନ୍ଧୁ   ସଂପଦରେ ସାଧୁ
ପ୍ରକୃତ ମିତ୍ର ଲକ୍ଷଣ
ଅନ୍ୟଥା କାଳରେ   ଅପବାଦ ଦେଲେ
କଟିବ ମିତ୍ର ବନ୍ଧନ ।୧୧।

ବନ୍ଧୁ ପରିମଳ କେମନ୍ତେ ଜାଣିବ
ଦୂରୁ ଦେଖି ଯେବେ ହସି
ନାରୀ ପରିମଳ କେମନ୍ତେ ଜାଣିବ
ବୃଦ୍ଧ କାଳେ ଗୋଡ ଘଷି ।୧୨।
ମିତ୍ର ପରିମଳ କେମନ୍ତେ ଜାଣିବ
ଯେବେ ତା ବିପଦେ ଆସି
ପୁତ୍ର ପରିମଳ କେମନ୍ତେ ଜାଣିବ
ପିତୃଋଣ ଯେବେ ତୋଷି ।୧୩।
ଭାଇ ପରିମଳ କେମନ୍ତେ ଜାଣିବ
ଏକାଶନେ ଯେବେ ବସି
ଲୋକ ପରିମଳ ତେମନ୍ତେ ଜାଣିବ
ପ୍ରସନ୍ନ ବଦନେ ହସି ।୧୪।
ଏତେବେଳେ ଯଦି ନିଷତକୁ ସାଜି
ମିତ୍ର କାର୍ଯ୍ୟ ଏଡିଦେବା
ଭାବି ଜନମାନ ଦେବେ ଅପମାନ
ଅପକର୍ମ ଅରଜିବା ।୧୫।
ବୋଇଲେ ରାଜନ ନକର ଭାଜନ
ବୀରପୁତ୍ର ଦ୍ୱୟ ଥାଉଁ
ବୃଥା ଚିନ୍ତା କରି ମୁଣ୍ଡ ବ୍ୟଥା କରି
ସମୟ ସାରିବା କାହୁଁ ।୧୬।
ବାର ବେ କାର ରାମ ସଙ୍ଗତର
ଯୁଦ୍ଧ ମୁଖେ ବାହାରିବେ
ଜ୍ୟେଷ୍ଠପୁତ୍ର ବୀର ନରସିଂହ ଦେବ
ଆମଙ୍କୁ ସାହାଯ୍ୟ ଦେବେ ।୧୭।

ନୃପ ମୁଖୁଁ ଶୁଣି   ମନ୍ତ୍ରୀ ଗୁଣ ମଣି
ସତ୍ୱର ଗମନ କଲା
ସୈନ୍ୟ ସଜ ପାଇଁ   ଅନୁମତି ଦେଇ
ରାଜପୁରେ ପ୍ରବେଶିଲା ।୧୮।
ସେ ସାମନ୍ତଗଣ   ବିଗୁଳୀ ବାଇଣ
ହସ୍ତୀଘୋଡ଼ା ସଜାଇଲେ
ଧନୁର୍ବର୍ଚ୍ଛା ଶର   ଯେତେ ଯୋଦ୍ଧା ଅସ୍ତ୍ର
ସମସ୍ତ ସାଜି ରଖିଲେ ।୧୯।
ବଳରାମ ଦେବ   ନରସିଂହ ଇବ
ସେନାପତି ବେଶ ଧରି
ସକଳ ସଇନ   ଆୟତେ ରଖିଣ
ଯୁଦ୍ଧ ମୁଖକୁ ବାହାରି ।୨୦।
ଧାମେଣ ଗଛର   ଧନୁତୀକ୍ଷ୍ଣ ଶର
ପ୍ରତ୍ୟେକଙ୍କ ସ୍କନ୍ଧେ ଅଛି
ବିଜୟ କେତନ   ବାତେ ଘନଘନ
ପ୍ରତ୍ୟେକ କରେ କମ୍ପୁଛି ।୨୧।
ଜାମ ଦଗ୍ନି ସୁତ   ସ୍କନ୍ଧେ ବିରାଜିତ
ଦିବ୍ୟ କୁଠାର ସଦୃଶ
ସର୍ବ ସ୍କନ୍ଧେ ତାଙ୍କ   କୁଠାର କାର୍ମୁକ
ରାଜୁଛି ନିଶି ଦିବସ ।୨୨।
ଅଶ୍ୱଖୁର ବାଜି   ରଜରେଣୁ ରାଜି
ଗଗନ ମଣ୍ଡଳ ଯାଏ
ଅକାଳେ ବିଜୁଳି   ବଜ୍ର ଘନ ଧୂଳି
ଝଡ କିମ୍ବା ମାଡ଼ିଯାଏ ।୨୩।

ସମୟ ଅନ୍ତରେ ଗଜପତି ପୁରେ
ଲାଗିବାକୁ ତାଙ୍କ ଅଛି
ପ୍ରସାଦ ଉପରୁ ପ୍ରେକ୍ଷି ରାଜଗୁରୁ
ମନରେ ଶଙ୍କା କରୁଛି ।୨୪।
ସମୁଦ୍ର ତୋଫାନ କିମ୍ବା ନବଘନ
କିମ୍ବା ଜ୍ୟୋତି ପୁଞ୍ଜ ଖସି
ତୋଫାନେ ପବନ ଘନେ ଜଳଦାନ
ନୋହି ଜ୍ୟୋତି ତେଜରାଶି ।୨୫।
ହୁତାଶନ କିମ୍ବା ନାରଦ ଅଥବା
ଯାନ ଲୋକେ ଆଗମନ
ସୁବର୍ଣ୍ଣ ଅନଳ ନାରଦ ଧବଳ
ନୋହି ଯାନ ଗରଜନ ।୨୬।
କିବା ଅରିକୁଳ କରିବ ତୁମୁଳ
ମାଡି ଆସୁଛି ମୋ କତି
ଶତ୍ରୁ ହୋଇଥାନ୍ତା ଲୁଚି ଆସୁଥାନ୍ତା
ନିଶ୍ଚ ମିତ୍ର ପରିପନ୍ଥି ।୨୭।
ଏମନ୍ତ ବିଚାରୁ ମୁକୁଳ ମନରୁ
ଦିଶିଲା ମିତ୍ର କେତନ
ଆନନ୍ଦରୁ ନୀର ନୟନୁ ଅପାର
ନିର୍ବାପିଲା ତା କଷଣ ।୨୮।
ତରତର ହୋଇ ପ୍ରାସାଦରୁ ଯାଇ
ଦୂରରୁ ପାଛୋଟି ନେଲେ
କନକ ଘଟରେ ନିର୍ମଳ ଜଳରେ
ପାଦ ପ୍ରକ୍ଷାଳନ କଲେ ।୨୯।

ଉ ମ ଆସନ   ଦେଇଣ ରାଜନ
କଲେ ଭୋଜ୍ୟ ସମର୍ପଣ
ଅତିଥି ଜନଙ୍କ   ଶ୍ରମ ଶାନ୍ତ ତାଙ୍କ
ପୁଛିଲେ ମଙ୍ଗଳ ପ୍ରଶ୍ନ ।୩୦।
କୋଶଳେଶ୍ୱରଙ୍କ   ପ୍ରଜାକୁଳ ତାଙ୍କ
ମଙ୍ଗଳେ ରହିଛନ୍ତି ତ
ଦୁର୍ଭିକ୍ଷ ଅଭାବ   ପ୍ରକୃତି ସ୍ୱଭାବ
ଅମଙ୍ଗଳୁ ସୁରକ୍ଷିତ ? ।୩୧।
ଯଥା ଶକ୍ତି ରାଜା   ପାଳନେ ପରଜା
ଦେହ ତାଙ୍କ ମଙ୍ଗଳ କି ?
ସର୍ବକାର୍ଯ୍ୟେ ଆଦ୍ୟେ   ଶରୀର ବିରାଜେ
ସାଧନ କାର୍ଯ୍ୟ ସିଦ୍ଧି କି ।୩୨।
ଆଜି ମୋ' ସୌଭାଗ୍ୟ   ମିତ୍ର ସୈନ୍ୟ ଆଜ
ମୋପୁରେ ପ୍ରବେଶିଛନ୍ତି
ମୋ ସୈନ୍ୟଙ୍କ ସାଥେ   ଯୁଦ୍ଧ କରି ହାତେ
ମୋ ବିଳୟେ ଆସିଛନ୍ତି ।୩୩।
ଏମନ୍ତ କହିଣ   ହୋଇଲେ ମଉନ
ଉତ୍କଳେଶ୍ୱର ସ୍ୱଭାବେ
ସେନାଧକ୍ଷ ସେହି   ବଳରାମ ତହିଁ
ବୋଇଲେ ମୃଦୁ ସ୍ୱଭାବେ ।୩୪।
ହେ ଉତ୍କଳେଶ୍ୱର !   ଏ ସୈନ୍ୟ ଆମର
ବାରଭାଇ ବେ କାର
ଏକ ମାତା ଗର୍ଭୁ   ଜାତ କରି ବିଭୁ
ବିଶ୍ୱେ କରି ବଳୀୟାର ।୩୫।

ଏକ ଦିବସରେ ବାରଶତ ଶରେ
ଜଣେ ଜଣେ ଯୋଖିଥାନ୍ତି
ଚାରିକୋଶ ଯାଏ ଲକ୍ଷ ଭେଦ ପାଏ
କେହି ରଖି ନ ପାରନ୍ତି ।୩୬।
ଏଣୁ ହେ ରାଜନ ଶୀଘ୍ର ଧରି ଆଣ
ବାରଶତ ସୁକମାର
ଅତି ତୀକ୍ଷ୍ଣ ବାଣ ବିଷ ଦେଇ ପାନ
ଯେ କରିପାରେ ତିଆର ।୩୭।
ପୁଣି ବୋଇଲେ ସେ ମୁକୁନ୍ଦ ମାନସେ
ସଂଶୟ ଫେଡ଼ିବା ପାଇଁ
ଶକ୍ତି ପରୀକ୍ଷଣେ ରାଜାଙ୍କ ଗହଣେ
ବେ କାରେ ପ୍ରବ ାଇ ।୩୮।
ବଳରାମଙ୍କର ଆଜ୍ଞା ପାଇ ବୀର
ଦୁର୍ବାର ସେ ବେ କାର
ଝିଙ୍କ ଦେହ ପରି ସ୍କନ୍ଧେ ଶରଧରି
ହୋଇଲେ ପୁରୁଁ ବାହାର ।୩୯।
ବୋଇଲେ ରାଜନ ଦେଖାଅ ସେ ସ୍ଥାନ
ଯେଉଁଠି ଶର ପେସିବା
ତେବେ ସିନା ତବ ସଂଶୟ ମେ ିବ
ବୀରତ୍ୱ ଆସ୍ଥ ରହିବା ।୪୦।
ବୋଲେ ନୃପବର ମାଉସୀ ମନ୍ଦିର
ବାରଣ ଶିର ପାଦରେ
ଗୁଣ୍ଡିଚା ମନ୍ଦିର କପାଟ ରନ୍ଧ୍ରର
ଲକ୍ଷ ରହୁ ସୁନ ଶରେ ।୪୧।

ଚାହୁଁ ଚାହୁଁ ଶର ବାଜିଲା ରନ୍ଧ୍ରର
ଗୋଟି ଗୋଟି ବାର ଯାକ
ଧନ୍ୟ ଧନ୍ୟ ବୋଲି ଦେଲେ କରତାଳି
ସମସ୍ତ ଦର୍ଶକ ଯାକ ।୪୨।
ଜୟଜୟ ବୋଲି ଛାଡ଼ିଲେ ବୋବାଳି
ଜୟ ହେ ଉତ୍କଳେଶ୍ୱର
ଜୟ ବଳରାମ କୋଶଳ ଈଶ୍ୱର
ଜୟ ବାର ବେ କାର ।୪୩।
ତତକ୍ଷଣେ ମୁକୁନ୍ଦ ହୋଇଲେ ଆନନ୍ଦ
ମନ୍ତ୍ରୀକୁ ବୋଇଲେ ଗୀର
ଦିନ ମଣିଥାଉଁ କମାର ଡକାଇ
ଯୋଗାଡ ଅସ୍ତ୍ର ସତ୍ୱର ।୪୪।
ରାଜାଙ୍କ ଆଦେଶେ ମନ୍ତ୍ରୀ ମହାତୋଷେ
ହୋଇଲେ ସର୍ବ ସମ୍ମତ
ଦ୍ରୁତ ବେଗେ ଯାଇ କମାର ଡକାଇ
କରାଇଲେ ଉପସ୍ଥିତ ।୪୫।
ରାଜାଙ୍କ ଆଦେଶେ କମାର ସମସ୍ତେ
ହୁଗୁଳି କୂଳକୁ ଯାଇ
ବାର ଶତ ଶାଳେ ଶର ଜାତ କଲେ
ବିଷ ପାନ ମାନ ଦେଇ ।୪୬।
ବାର ବେ କାର ହୋଇଣ ତତ୍ପର
ବାରଘାଟେ ବସା କଲେ
ଆର କୂଳ ଅରି ତମ୍ବୁ ଅନୁସରି
ଶର ସନ୍ଧାନ କରିଲେ ।୪୭।

ବାତ ଯନ୍ତ୍ର ଶବ୍ଦେ   ଘରଘର ନାଦେ
ସ୍ଫୁଲିଙ୍ଗ ସଙ୍ଗେ ପାଉଁଶ
ବିସ୍ଫାରିତ ଯହିଁ   ଆଗ୍ନେୟକି ତହିଁ
ନାଶିବ ଅଇରି ବଂଶ ।୪୮।
ବାର ଘାଟେ ଜଗି   ପଥ ଥିଲେ ରୋଧି
ସେହି ବେ କାର ଭାଇ
ଶତଶତ ଧ୍ୱନୀ   ପଦାତି ସୁ ତନ୍ୱୀ
ନିୟୋଜିଲେ ନର ସାଇଁ ।୪୯।
ଚାପେ ଖଞ୍ଜି ବହ୍ନି   ବିଷ ସଙ୍ଗେ ମୁନି
ନିଜ ପ୍ରାଣ ତୁଚ୍ଛ ମଣି
ସଦର୍ପେ ସେବାରେ   ବିରଚିଲେ ତୀରେ
ଫଣା ତୋଳି ଯେହ୍ନେ ଫଣୀ ।୫୦।
ଶାଳ୍ମଳୀ ଶରୀରେ   କ କୀ ପରାୟେ
ରୋମା ୍ଲା ତନୁ ଯହିଁ
ସମସ୍ତଙ୍କ ସ୍କନ୍ଧେ   ବିଶିଖ ବିରାଜେ
ଅରାତି ଶିରକୁ ଚାହିଁ ।୫୧।
ତମ୍ବୁ ଅନ୍ତରରୁ   ଗୋଟିଗୋଟି ଶତ୍ରୁ
ପଦାରେ ହୁଅନ୍ତେ ଛିଡା
ଛିଣ୍ଡି ପଡୁଥାଇ   ଗୋଟିଗୋଟି ହୋଇ
ଶତ୍ରୁ ମୁଣ୍ଡ ମୁଣ୍ଡା ମୁଣ୍ଡା ।୫୨।
ଅମୋଘ ସନ୍ଧାନେ   ବିନ୍ଧିଶର ସୈନ୍ୟେ
ଶତ୍ରୁଙ୍କୁ କଲେ ଅଥୟ
ଶର ପସରାର   ସୀମା ହେଲା ତାର
କୃତାନ୍ତର ରଙ୍ଗାଳୟ ।୫୩।

ଦକ୍ଷ ବାହୁ ତାଙ୍କ ଦିଶଇ ଆଲୋକ
ହୀରକ ସ୍ତମ୍ଭ ପରାୟ
ପ୍ରସବୁ ଥିଲା କି ଶରଯନ୍ତ୍ର ସେ କି
ଇନ୍ଦ୍ର ଜାଲ ବିଦ୍ୟା ପ୍ରାୟ ।୫୪।
ମୁଣ୍ଡ ରକ୍ଷା ପାଇଁ ଶତ୍ରୁକୁଳେ ସେହି
ଯେତେ କଲେ ଆୟୋଜନ
ମୁଣ୍ଡ ରକ୍ଷାପାଇଁ ପାଦେଛିନ୍ନ ହୋଇ
ରଣେ ହାରିଲେ ଜୀବନ ।୫୫।
ପ୍ରାଣ ଲୋଭୀ ଯେହୁ କାପୁରୁଷ ସେହୁ
ଛତ୍ରଭଙ୍ଗ ପ୍ରାଣ ଲାଗି
ପୃଷ୍ଠେ ହାଣଖାଇ ଗଲେ ଘାଳ ହୋଇ
ବୃଥା ଅପଯଶ ଭୋଗୀ ।୫୬।
ଚାରିକୋଣ ଦୂରୁ ପଡଇ ସେ ଶର
ଶତ୍ରୁ ଲକ୍ଷି ନ ପାରଇ
ମଘା ନକ୍ଷତ୍ରର ଜଳଧାରା ପ୍ରାୟ
ଶର ବର୍ଷଣ ହୁଅଇ ।୫୭।
ଦଳ ଦଳ ହୋଇ ଯବନ ସଇନ
ସଦଳେ ବଳେ ଚଢ଼ାଉ
କେତେ ମଲେ କେତେ ଅଦୂରୁ ବିରତି
ଧିକ୍କାରିଲେ ନିଜ ବାହୁ ।୫୮।
ସମର ଦୁର୍ମଦା କେତେ ମହାଯୋଦ୍ଧା
ରାଜପୁରେ ଯଶ ଲୋଡ଼ି
ଆସିଥିଲେ ଦମ୍ଭେ ଅ । ଭିଡ଼ି ରଙ୍ଗେ
ପଡ଼ିଲେ ମାଟି କାମୋଡ଼ି ।୫୯।

ଧନ୍ୟ କଉଶଳ ସୈନ୍ୟଙ୍କ କୋଶଳ
ଧନ୍ୟ ବୀର ବେ କାର
ଅବନତ ଶିର ଅରିଙ୍କ ଅଗ୍ରର
ହେୟଜ୍ଞାନ ଅବସର ।୬୦।
ଛିନ୍ନ ଛତ୍ର ହୋଇ ଚାଲିଗଲେ ବୀର
ନିସ୍ତବ୍ଧ ସଂଗ୍ରାମ ସ୍ଥଳୀ
ଭୟ ସଂଚାରଣ କଲା ସେହି ସ୍ଥାନ
ଶୃଗାଳୀ ଦେଲେ ବୋବାଳି ।୬୧।
ମାସମାସ ଧରି ଗୃଧ୍ର ବସା କରି
ଆକାଶେ ବୁଲିଲେ ଚିଲ
ପ୍ରେତ ପିଶାଚିଙ୍କ ଲୀଳାସ୍ଥଳୀ ତାଙ୍କ
ହୋଇଲା ହୁଗୁଳି କୂଳ ।୬୨।

-୦-

ପ ମ ସର୍ଗ: ରାଗ ମାଳବ

ନରସିଂହ ଦେବଙ୍କ ଦ୍ୱାରା ବାରଭାଇ ବେ କାରଙ୍କୁ ବୋଡାସମ୍ବର ରାଜ୍ୟ ପ୍ରଦାନ । ବେ କାରଙ୍କ ରାଜ୍ୟ ସ୍ଥାପନ

ଶୁଣ ସୁଜନେ ପୁଣ୍ୟ ଏଥୁ ଅନ୍ତେ
ହୁଗୁଳି ନଦୀ ରଣଭଙ୍ଗ ଅନ୍ତେ ।୧।
ମିତ୍ର ସୈନ୍ୟଙ୍କ ସାଥେ ଗୃହେ ଯାଇ
କୃତୀ ସୈନ୍ୟରେ ରାଜା ତୋଷ ଦେଇ ।୨।
ବେ କାରଙ୍କୁ ବୋଲେ କିଶ ଚାହଁ
ହୃଦୟ ଫିଟା କଥା ତୁମ୍ଭେ କହ ।୩।
ନୋହିଲେ ଆମ୍ଭମନ ହେବ ଦୁଃଖ
ତୁମର ରଣେ କିଂପା ଆମ୍ଭ ସୁଖ ।୪।
ସେ ବେ କାର ବୋଲନ୍ତି ବଚନ
ଆମ କାର୍ଯ୍ୟେ ତୋଷ ଯଦି ର ।ଜନ ।୫।
ଏପରି ପଦାର୍ଥ ଆମ୍ଭଙ୍କୁ ଦିଅ
ଆମଠାରୁ ଧନ୍ୟବାଦ ଟି ନିଅ ।୬।
ସ୍ୱଭାବେ ଆମ୍ଭେ ବାର ବେ କାର
ଚାଷବାସରେ ଆମ୍ଭ ଅଗୋଚର ।୭।
ହୀରା ନୀଳାଦି ଯାବତ ପଦାର୍ଥ
ପ୍ରୟୋଜନ ନାହିଁ ଆମ୍ଭର ଅର୍ଥ ।୮।
ଯଦି ଆମର କାର୍ଯ୍ୟେ ତୋଷ ରାଜା
ପଶୁ ପୂର୍ଣ୍ଣ ବନ ଆମ୍ଭଙ୍କୁ ଦେ ଯା ।୯।
ରାଜା ବୋଇଲେ କେଉଁ ଦେଶେ ତାହା
ପାଟଣେଶ୍ୱର ଅଧୀନରେ ଏ ହା ।୧୦।
ଗନ୍ଧମାର୍ଦ୍ଦନ ନାମରେ ସେ ବନ
ତାହାର ମହିମା ଶୁଣ ରାଜନ ।୧୧।

ଚଉଦ କୋଶ ଲମ୍ବି ରହି ତହିଁ
ଫଳମୂଳ ମାଂସେ ସଂପୂର୍ଣ୍ଣ ସେହି ।୧୨।
ସ୍ୱଚ୍ଛ ସଲିଳ ନଦଝର ଯହିଁ
ତୃପ୍ତି ହୃଦୟେ ସେ ଜଗତ ମୋହି ।୧୩।
ବିବିଧ ପଶୁ ସଂକୁଳ ଏ ବନ
ମାଂସ ଚର୍ମରେ ତୋଷଇ ସେ ମନ ।୧୪।
ମଧୁମଳୟ ସଦା ଛାଡେ ନାହିଁ
ଦର୍ଶନେ ଜନ ବା ପାଶୋରେ କାହିଁ ।୧୫।
ମାଂସ ସନ୍ଧାନେ ନ ପଡଇ ଶ୍ରମ
ପଶୁ ସଂକୁଳ ଅଟେ ଏହି ବନ ।୧୬।
ବଜ୍ର ଭେଷଜ ପୂର୍ଣ୍ଣଥିବା ହେତୁ
ରୋଗ ଡରଇ ପ୍ରାଣେ ପ୍ରାୟ କେତୁ ।୧୭।
ବେ କାରଙ୍କ ବଚନେ ରାଜନ
ହେଲେ ସମ୍ମତି ମିତ୍ରେ ତୋଷି ଧନ ।୧୮।
ବନ ପ୍ରଦାନ ବାର ବେଣ୍ଟକାରେ
ତୋଷ କରାଇ ରଖିବ ଶ୍ରଦ୍ଧାରେ ।୧୯।
କହି ବଳରାମଙ୍କ ଅଗ୍ରତରେ
କଲେ ବିଦାୟ ବନ୍ଧୁ ପ୍ରେମ ଭରେ ।୨୦।
ମୁକୁନ୍ଦ ପୁରୁ ବିଦାୟ ଘେନିଣ
ପ୍ରବେଶ ହେଲେ ପାଟଣା ସଇନ ।୨୧।
କିଛିଦିନ ଅନ୍ତେ ରାଜା ନୃସିଂହ
ବେ କାରେ ଡାକି ବୋଇଲେ ଗୀର ।୨୨।
ଗନ୍ଧ ଗିରିବନ ଉ ର ଦିଶି
ପ୍ରାଚ୍ୟ ପାଶ୍ଚ୍ୟ କୋଶ ଚଉଦମିଶି ।୨୩।
ଏ ଘେନ କରାଅ ଆପଣା ବସା
ଆନନ୍ଦେ ଦେଉଛୁ ଭୂମି ସହସା ।୨୪।

ଏମନ୍ତ ରାଜାଙ୍କ ବଚନ ଶୁଣି
ବେ କାରେ ପୁଳକିତ ସେ ପୁଣି ।୨୫।
ନମସ୍କାର କରି ସେ ବେ କାର
ସାଧୁ ସାଧୁ ବୋଲି ଦେଲେ ଉ ର ।୨୬।
ଭାବେ ଆମ୍ଭ ଯେ ଏ ସୁକୃତ ଥିଲା
ସ୍ୱପ୍ନେ ନ ଥିବା ରାଜ୍ୟଭୋଗ ହେଲା ।୨୭।
ଏବେ ତ ସୁକୃତ ହୋଇଛି ଫଳ
ଭୋଗ କରିବା ବାଇ ଆମ୍ଭେ ଚାଳ ।୨୮।
ଦୁର୍ଲ୍ଲଭ ପଦାର୍ଥ ହେବାରୁ ମନ
ଆଜି ଜନ୍ମିଲା ଆମ ସୁଖ ଦିନ ।୨୯।
ଏମନ୍ତ ବିଚାରି ସେ ବେ କାର
ରାଜ୍ୟ କରିବାକୁ ହେଲେ ତତ୍ପର ।୩୦।
ଗନ୍ଧମାର୍ଦ୍ଦନ କୂଳେ କୂଳେ ଯାଇ
ଦେଖିଲେ ଅଦ୍ଭୁତ ଦୃଶ୍ୟ ସେଠାଇଁ ।୩୧।
ବୃଦ୍ଧ ଅଜଗର ଗୋଟିଏ ତହିଁ
ଜୀବନ୍ତ ଗିଳୁଛି ସମ୍ବର ବୋହି ।୩୨।
ବୋଇଲେ ଅଦ୍ଭୁତ ସ୍ଥଳୀ ସୁନ୍ଦରୀ
ଫୁଲରୁ ଫଳ ଜାତ ହେଲା ପରି ।୩୩।
ମନରୁ ଭାବ ଭାବରୁ ସୁଫଳ
ଉପଗତ ହେଉଛି ଆମ୍ଭ ବେଳ ।୩୪।
ଆମ୍ଭର ଭାଗ୍ୟ ଅତି ବଳୀୟାର
ଦେଖିଲା କ୍ଷଣି ହେଲା ସାଉକାର ।୩୫।
ନିଶ୍ଚେ ବୀରଭୂମି ଏ ସ୍ଥାନ ଥିବ
ନହେଲେ ଏମନ୍ତ କାହୁଁ ହୋଇବ ।୩୬।
ଏମନ୍ତ ବିଚାରି ସେ ବେ କାର
ଭୂମିରେ ପୋତି ରଖିଲେକ ଶର ।୩୭।

ବୋଇଲେ ଏଠି ରାଜବାଟୀ ଗଢ଼ି
ଫୁଁଟି ବଢ଼ିବ ରାଜ ନଗ୍ର କଢ଼ି ।୩୮।
ବୁଢ଼ା ସାପ ଗିଲୁଥିଲା ସମ୍ବର
ଏଣୁ ରାଜ୍ୟ ନାମ ବୋଡା ସମ୍ବର ।୩୯।
ଏହିଦିନୁ ରାଜ୍ୟ ବୋଡାସମ୍ବର
ରାଜୁତି କଲେ ବାରବେ କାର ।୪୦।
ପ ମେ ସର୍ଗେ ଗୀତ ସମାପନ
ସମଲେଶ୍ୱରୀ ଧ୍ୟାୟି ଯାଉ ଦିନ ।୪୧।

-୦-

ଷଷ୍ଠ ସର୍ଗ: ରାଗ ବସନ୍ତ ଭୈରବ

ନରସିଂହ ଓ ବଳରାମ ଦେବଙ୍କ ବିବାହ
ନରସିଂହଙ୍କ ଅଭିଷେକ ବର୍ଣ୍ଣନା

ଶୁଣ ଜନେ ଏବେ ରାଜପୁତ୍ରେ ବଡ଼ ବୋଲି
ଯୁଦ୍ଧଧନ ଅର୍ଜନେ ଅନେକ ଦେଶ ବୁଲି ଯେ ।୧।
ପାଟଣାଗଡେ ପ୍ରବେଶ କରନ୍ତେ କୁମର
ଲୋକ ପ୍ରଶଂସାରେ ଶରଦ ଚନ୍ଦ୍ରକର ଯେ ।୨।
ରବି କିରଣ ପ୍ରକାରେ ପ୍ରାପତି ଲଭିଲା
ଦିଗ ବିଦିଗକୁ ଯଶ ପ୍ରଶାର ବଢ଼ିଲା ଯେ ।୩।
ଯୁବାବସ୍ଥା ଦେଖି ନୃପ ସୁତ ଦ୍ୱୟଙ୍କର
ବୋଇଲେ ପୁତ୍ର ହକାରୀ ତହୁଁ ଦଣ୍ଡଧର ଯେ ।୪।
ସ୍ଥବିର ବୟସ ଗ୍ରାସି ହେଲା ଉପଗତ
ବିବାହ କରଣେ ନୃପ କରିଛି ମନସ୍ଥ ଯେ ।୫।
ତବ ବିଭା କାର୍ଯ୍ୟ ସାରି ରାଜ୍ୟ ଭାଗ ଦେଇ
ବାନପ୍ରସ୍ଥକୁ ଗମିବି ନିର୍ବାଣକୁ ଚାହିଁ ଯେ ।୬।
ପିତାଙ୍କ ବଚନେ ପୁତ୍ରେ ସନମତ ହେଲେ
ଆଶାତରୁ ପଲ୍ଲବକୁ ଅନାଇଁ ରହିଲେ ଯେ ।୭।
ମନ୍ତ୍ରୀ ସୁବୁଦ୍ଧି ଡକାଇ ସେହୁ ନୃପବର
ପୁତ୍ରାର୍ଥେ ଅନ୍ୱେଷି କନ୍ୟାଦ୍ୱୟ ଠାବକର ଯେ ।୮।
ନୃପଙ୍କ ଆଦେଶେ ମନ୍ତ୍ରୀ ତରତର ହୋଇ
ସିନ୍ଧୁ ଜାତି ଅଶ୍ୱଶାଳେ ପ୍ରବେଶ କରଇ ଯେ ।୯।
ବିବିଧ ଦାନା ଭକ୍ଷାଇ ସେ ଶାଳ ଅଶ୍ୱକୁ
ମଣ୍ଡାଇଲେ ଶୋଭା ଦ୍ରବ୍ୟେ ଅଶ୍ୱ ଶରୀରକୁ ଯେ ।୧୦।
ଧୀରେ ଧୀରେ ଗମିଲା ସେ ଶୁଭବେଳ ଚାହିଁ
ଶୁଭ ଶକୁନ ଅନାଇ ଆନନ୍ଦିତ ହୋଇ ଯେ ।୧୧।

ବିଦର୍ଭ, କର୍ଣ୍ଣାଟ ଭାଟ ସଉରାଷ୍ଟ୍ର ବୁଲି
ମରହଟ୍ଟ, କୁନ୍ତଳ, କେରଳ ଚୋଳ କଲି ଯେ ।୧୨।
ଅଙ୍ଗ, ବଙ୍ଗ, କଳିଙ୍ଗ, ଚୋଡଙ୍ଗ, ମଗଧରେ
ବାହ୍ଲିକ, ତୁରସ୍କ, ନିଷେଧ, ଭ୍ରମିଲା ଶ୍ରଦ୍ଧାରେ ଯେ ।୧୩।
ମତ୍ସ୍ୟ, ଦ୍ରାବିଡ଼, ଗଉଡ, ଆରବ, ମାଳବ
ବନାଉଜ, କନାଉଜ, କାଶ୍ମୀର ସିନ୍ଧବ ଯେ ।୧୪।
ବିବିଧ ଦେଶ ଭ୍ରମିଣ ଗଙ୍ଗେ ପ୍ରବେଶିଲା
ଇଲାବତୀ କନ୍ୟାକୁ ସେ ପସନ୍ଦେ ଆଣିଲା ଯେ ।୧୫।
ତଦନ୍ତେ ପା ।ଳ ଦେଶ ଭ୍ରମି ମନ୍ତ୍ରୀବର
କଳାବତୀ କନ୍ୟାକୁ ସେ ଆଣିଲା ଠାବର ଯେ ।୧୬।
ଧୀରେ ଧୀରେ ତହୁଁ ମନ୍ତ୍ରୀ ବାହୁଡ଼ି ଅଇଲା
ପାଟଣାଗଡେ ଆନନ୍ଦେ ପ୍ରବେଶ ହୋଇଲା ଯେ ।୧୭।
କର ଯୋଡ଼ି ଛାମୁରେ ହରଷେ ଜଣାଇଲା
ବିବାହ ଉତ୍ସବ ପାଇଁ ଆଦେଶ ମାଗିଲା ଯେ ।୧୮।
ମହା ଆଡ଼ମ୍ବରେ ବିଭା କାର୍ଯ୍ୟ ଆରମ୍ଭିଲେ
ବିବିଧ ପୁଷ୍ପ ପତ୍ରରେ ତୋରଣ ରଚିଲେ ଯେ ।୧୯।
ରମ୍ଭାତରୁ ରୋପିଲେ ପଥ ଦୁଇ ପାର୍ଶ୍ୱେ
ସ୍ୱାଗତଂ ସ୍ୱାଗତଂ ଲେଖି କଳସ ସଂସ୍ଥାପେ ଯେ ।୨୦।
ସୁବର୍ଣ୍ଣ କଳସୀ ନୀର ସ୍ଥାନେ ସ୍ଥାନେ ସ୍ଥାପି
ଚୁତ ପଲ୍ଲବ ଶ୍ରୀଫଳ ତା ଉପରେ ରୋପି ଯେ ।୨୧।
ବିଦ୍ୟୁତ ଆଲୋକ ନଗ୍ର ଚଉକତି ଖଞ୍ଜି
ବିବିଧ ବାଦ୍ୟ ଯନ୍ତ୍ରରେ ସୁମଧୁରେ ରଞ୍ଜି ଯେ ।୨୨।
ମୁଖରିତ ହେଲା ରାଜନବର ସେ ପୁରୀ
ଜନ ସଂପୂର୍ଣ୍ଣ ରାଜିଲା ଯାତ୍ରା ମେଲା ପରି ଯେ ।୨୩।
ତୁଳସୀ ଚଉରା ପୁରେ ବେଦି ସଂସ୍ଥାପିଲେ
ରୁଖା କଳସୀ ମହୁଲ ଡାଳକୁ ରୋପି ଯେ ।୨୪।

ବେଦିର ଉପରିଖଣ୍ଡା ବସାଇ ସେ କାଳେ
ଦରିଦ୍ରା ଲେପିଲେ ତହିଁ ସୀମନ୍ତିନୀ ମେଳେ ଯେ ।୨୫।
ସ୍ନାନ ସମାପନ ଅନ୍ତେ ଯୁବରାଜ ଦ୍ୱୟ
ବେଶ କାରିଗଣ ବେଶ କରଣେ ଅଥୟ ଯେ ।୨୬।
ବିବିଧ ଅଳଙ୍କାରରେ ଶରୀର ମଣ୍ଡାଇ
ସୁବର୍ଣ୍ଣ ମୁକୁଟ ଶିରେ ଦେଲେକ ପିନ୍ଧାଇ ଯେ ।୨୭।
ଶୁକ୍ଳ ବସ୍ତ୍ର ପରିଧାନ କରାଇ ତାହାଙ୍କୁ
ହୁଳହୁଳି ଦେଇନେଲେ ବେଦି ଉପରକୁ ଯେ ।୨୮।
କି କହିବା ସେ ସମୟ ଶୋଭା ଅତିଲୋଭା
ସୁମନ ପୁର ଅଶ୍ୱିନୀ କୁମାର କି ଉଭା ଯେ ।୨୯।
କିବା ସଖୀ ସଙ୍ଗେ କୃଷ୍ଣ ବେଦିର ଉପର
କିବା ମୂର୍ତ୍ତିମନ୍ତ କାମ ଆସି ରାଜପୁର ଯେ ।୩୦।
କିବା ରବିଚନ୍ଦ୍ର ରାଜପୁତ୍ର ଛଳେ ଜାତ
ବିଭା ହେବାପାଇଁ ବେଦିଶାଳେ ଉପଗତ ଯେ ।୩୧।
ପୁରୋହିତ ଶୁଦ୍ଧ ମନ୍ତ୍ର ମଙ୍ଗଳ ଆଚରି
ବର ଯାତ୍ରା ପାଇଁ ତାଙ୍କୁ ଅନୁମତି କରି ଯେ ।୩୨।
ପା ।ଳ ଦେଶେ ଗମିଲେ ସେ ନୃସିଂହବର
ଗଙ୍ଗେ ବିଜେ କଲେ ବଳରାମ ହୋଇବର ଯେ ।୩୩।
ଦିବ୍ୟଯାନେ ରାଜସୁନୁ ହୋଇ ଉପସ୍ଥିତ
ଶ୍ୱଶୁରାଳୟେ ସେହୁ ଦେଲେ ଉପଗତ ଯେ ।୩୪।
ମହା ଆଡମ୍ବରେ ତାଙ୍କୁ ନେଲେ ପାଛୋଟାଇ
ବେଦି ଶାଳମାନଙ୍କରେ ଦେଲେକ ବସାଇ ଯେ ।୩୫।
ନାନା ରତ୍ନ ଅଳଙ୍କାରେ ସଜାଇ କନ୍ୟାକୁ
ଉପସ୍ଥିତ କରାଇଲେ ବେଦି ଶାଳେ ତାଙ୍କୁ ଯେ ।୩୬।
ପୁରୋହିତ ଗଣହସ୍ତେ ବିଭା କାର୍ଯ୍ୟ ସାରି
ନାନା ବିଧ ଯଉତୁକେ କନ୍ୟା ଦେଲେ ବରି ଯେ ।୩୭।

ବିଭା ଅନ୍ତେ ବାହୁଡ଼ିଲେ ସର୍ବବିଧ ଜନ
କନ୍ୟା ଦ୍ୱୟ ଧରି ପୁତ୍ରେ ଆସିଲେ ବହନ ଯେ ।୩୮।
ବିବିଧ ଭୋଜ୍ୟ ପଦାର୍ଥ ଖାଇଜନେ ତୋଷ
ବ୍ରାହ୍ମଣ ଭିକ୍ଷୁକ ଜନେ ଦାନେ କଲେ ତୋଷ ଯେ ।୩୯।
ଅଭିଷେକ କରି ପୁତ୍ରେ ପାଟଣା ରାଜନ
ଜ୍ୟେଷ୍ଠ ପୁତ୍ର ନରସିଂହେ ମୁକୁଟ ବରଣ ଯେ ।୪୦।
କନିଷ୍ଠ ବଳଦେବଙ୍କୁ କହିଲେ ବୁଝାଇ
ସହଯୋଗ କରୁଥିବ ସର୍ବକାର୍ଯ୍ୟେ ରହି ଯେ ।୪୧।
ଏମନ୍ତ କହିଣ ନୃପ ବାନପ୍ରସ୍ଥ ପାଇଁ
ତ୍ରିବେଣୀ ଅଭିମୁଖକୁ ବାହାରିଲେ ଯାଇ ଯେ ।୪୨।

-୦-

ସପ୍ତମ ସର୍ଗ: ରାଗ ମାଳବ ଗଉଡା

ଇଲାବତୀ ରାଣୀଙ୍କ ଗର୍ଭ ଯାତନା ବଳରାମ ଦେବଙ୍କ ମାୟାବତୀ ନଦୀ ସନ୍ତରଣ କରି ସୁବୁଦ୍ଧିନୀ ଧାଇଆଣି ପ୍ରସବ କରାଇବା କଥା ବର୍ଣ୍ଣନ-

କାବ୍ୟେ ଉ ମ ପ୍ରମୋଦ ରସ ଆସ୍ୱାଦନେ
ଚୌହାଣ ବଂଶ ଚରିତ ଶୁଣ ସାଧୁ ଜନେ ହେ ।୧।
ରାଜ ପୁତ୍ରେ ବିଭାକାର୍ଯ୍ୟ କରି ସମାପନ
ଶୁଭ ବେଳାରେ ବିହିଲେ ରତିକ୍ରୀଡା ମାନହେ ।୨।
କିଛିଦିନ ଅନ୍ତେ ରାଣୀ ଇଲାବତୀଙ୍କର
ଗର୍ଭ ସଂଚାର ହୋଇଲା ବୀଜଗର୍ଭ ପ୍ରାୟ ହେ ।୩।
ଦିନୁଦିନ ଗର୍ଭଭ୍ରୂଣ ଚନ୍ଦ୍ର ପକ୍ଷ ପ୍ରାୟ
ବଢ଼ଇ ମୁଷଳା କାରେ ତେଜମୟ କାୟ ହେ ।୪।
ଦିନୁଦିନ ଯେତେ ବଢ଼େ ରାଣୀଙ୍କ ଉଦର
ସେତେ ଚିନ୍ତା ବଢ଼େ ତେଣେ ନୃପଙ୍କ ମନର ହେ ।୫।
ଦଶମାସ ଦଶଦିନ ଯହୁଁ ପ୍ରବେଶନ୍ତେ
ଦୁଃସହ ଗର୍ଭ ଯାତନା କହି ନୋ ହେ କେତେ ହେ ।୬।
କେତେବେଳେ ବେତ୍ରାସନେ କେତେବେଳେ ତଳେ
କେତେବେଳେ ପଲଙ୍କର ଲୋଟେ ବସ୍ତ୍ରା ଳେ ହେ ।୭।
କ୍ଷଣେ ବସେ କ୍ଷଣେ ଉଠେ କ୍ଷଣେ ବୁଲେ କକ୍ଷେ
ଚାତକ ପରାୟେ ବସା ପଳକେ ପଳକେ ହେ ।୮।
ଆହାର ବିହାର ନିଦ୍ରା ନରୁଚଇ ତାକୁ
ଦିବାନିଶି ତମଶଶୀ ଦିଶଇ ତାହାକୁ ହେ ।୯।
ହାୟ ! ହାୟ ! ଶବଦରେ କମ୍ପାଇ ମେଦିନୀ
ଚତୁର୍ଦ୍ଦିଗ ପିତମୟ ରାଣୀ ନେତ୍ର ପୁଣି ହେ ।୧୦।

ରାଣୀଙ୍କ ଏବନ୍ତ ଦଶା ଦେଖି ନୃପବର
ବଡ଼ଡି ଲଭିଲେ ଚିନ୍ତା ସ୍ୱ ହୃଦ ଅନ୍ତର ହେ ।୧୧।
ଶ୍ରାବଣ ଅମାବାସ୍ୟା ଯେ ନିଶାର୍ଦ୍ଧ ରଜନୀ
ଝିପି ଝିପି ବରଷାର ଘଡ଼ଘଡ଼ି ଧ୍ୱନି ଯେ ।୧୨।
ତଡ଼ିତ ମାରଇ ତେଣେ ପଳକେ ପଳକେ
ପ୍ରାପ୍ତ ପଥ ସ୍ୱପ୍ନ ଲଭ୍ୟ ଝଲକେ ଝଲକେ ଯେ ।୧୩।
ମରୁତ ଚାଳନେ ବୃକ୍ଷଲତା ଦୋଳ ତାନ
ଭୟଙ୍କର ଶବ୍ଦ ଜାତ ନିଶାର୍ଦ୍ଧ ଲଗନ ଯେ ।୧୪।
ନଦୀନାଳ ଆନନ୍ଦରେ ଗମନ୍ତି ଗର୍ଜନେ
ହୁଙ୍କାରୀ ବୀରଦର୍ପରେ ସାଗର ଅଧ୍ୱନେ ଯେ ।୧୫।
ମୀନ ମକର କୁଣ୍ଡଳୀ ଆନନ୍ଦ ମନରେ
କ୍ରୀଡ଼ାରତେ ମାଡ଼ିଥାନ୍ତି ନିର୍ଭୟ ଚି ରେ ଯେ ।୧୬।
ଭେକ ଝିଙ୍କାରୀ ଯାବତ ଘୁଇ ଜୀଆମାନେ
ଯେ ଯାହାରେ ରାବୁଥାନ୍ତି ନିଜ ନିଜ ତାନେ ଯେ ।୧୭।
ଏମନ୍ତ ସମୟେ ନୃପ ହୋଇ ମ୍ରିୟମାଣ
କିଂ କ ର୍ବ୍ୟେ ଡକାଇଲେ ଭାଇ ବଳରାମ ଯେ ।୧୮।
ବୋଇଲେ ହେ ସହୋଦର ବୁଦ୍ଧି ନ ଦିଶଇ
ଭାବିଲେ ସମସ୍ତ କଥା ଅନ୍ଧାର ଦିଶଇ ହେ ।୧୯।
ବେଳୁବେଳ ରାଣୀଙ୍କର ଦୁଃସହ ଯାତନା
ନହୋଇ ପ୍ରସବ ତାର ବଢ଼ଇ ବେଦନା ହେ ।୨୦।
ଝଡ଼ ବତାସର ନିଶୀ ନୀର ଧାର ନଈ
ଅନ୍ଧକାର ମୟରାତ୍ର ନ ଆସିବେ କେହି ହେ ।୨୧।
ପ୍ରସବ କାରିଣୀ କେହି ନ ଆସେ ଏଣିକି
ନିଶ୍ଚୟ ହାରିବି ରାଣୀ ପ୍ରାଣସଙ୍ଗିନୀ କି ହେ ।୨୨।
ନୃପଙ୍କ ବଚନ ଶୁଣି ବୋଲେ ବଳରାମ
ଶୋଚନା ନ କର ଭାଇ ଥାଉଁ ବଳରାମ ହେ ।୨୩।

ଏମନ୍ତ ବଚନ କହି ସତ୍ୱରେ ଗମିଲେ
ଅଶ୍ୱଶାଳା ପୁରେ ଯାଇ ପ୍ରବେଶ ହୋଇଲେ ଯେ ।୨୪।
ସୁପ୍ତ ଅଶ୍ୱପୃଷ୍ଠେ ଏକ ଚାପୁଡ଼ା ପକାଇ
ଗ୍ରୀବାରୁ ଫିଟାଇ ଦେଲେ ରଜ୍ଜୁ ପଘା ଯାଇ ସେ ।୨୫।
ହ୍ୱୟ ପୃଷ୍ଠେ ବସିବୀର ଚାପ ପ୍ରହାରିଲା
ମରୁତ ବେଗରେ ଅଶ୍ୱ ଗମନ କରିଲା ଯେ ।୨୬।
କିଛି ପଥ ଅତିକ୍ରାନ୍ତ କରନ୍ତେ ସେ ବୀର
କର୍ଣ୍ଣରେ ଶୁଭିଲା ନଦୀ ମାୟାବତୀ ନୀର ଯେ ।୨୭।
ଘର୍ଘର ନାଦରେ ନଈ ଜଳପୂର୍ଣ୍ଣ ହୋଇ
ଅଟ୍ଟହାସ୍ୟେ ତାଣ୍ଡବରେ ନୃତ୍ୟ କରେ ସେହି ଯେ ।୨୮।
ଅପସ୍ମାର ରୋଗୀ ପ୍ରାୟ ଫେଣ ଉଦ୍‌ଗାରୁଛି
ଉ ।ନ ପତନେ ଢେଉ ଦୋଳନ କରୁଛି ଯେ ।୨୯।
ମୀନ ମଗର ସଣ୍ଡୁକ ଯେତେ ଜଳଚର
ଲୁଚକାଳି ଖେଳୁଛନ୍ତି ସର୍ପଙ୍କ ସଂଗର ଯେ ।୩୦।
ତୀରତରୁ ତୃଣଲତା ଉତ୍ପାଡ଼ିତ ହୋଇ
ଭାସୁଛନ୍ତି ଜଳସ୍ରୋତେ ଅସ୍ତବ୍ୟସ୍ତ ଯହିଁ ଯେ ।୩୧।
ବଜ୍ର ସଙ୍ଗେ ଚପଳା ଯେ ନୃତ୍ୟ ରତ ସଦା
କାହାର ନୋହିବ ତ୍ରାସ ଏମନ୍ତ ଦୁଃଖଦା ।୩୨।
ଅଶ୍ୱରୁ ଓହ୍ଲାଇ ବୀର କ୍ଷଣ ସ୍ତବ୍ଧ ହୋଇ
ନିର୍ନିମେଷ ଅନାଇଲା କିଛିକ୍ଷଣ ଚାହିଁ ଯେ ।୩୩।
ବଜ୍ର ସଙ୍ଗେ ଚପଳା ଯେ ନୃତ୍ୟ କରେ ସଦା
କାହାକୁ ନୋହିବ ତ୍ରାସ ଏମନ୍ତ ଦୁଃଖଦା ।୩୪।
ତଦନ୍ତେ ନଦୀର ତୀରେ ବାନ୍ଧି ଅଶ୍ୱ ଡୋରୀ
ଦେବୀ ସ୍ତୋତ୍ର ପାଠକଲା ସହୃଦୟେ ସ୍ମରୀ ଯେ ।୩୫।
ଦେବୀଙ୍କ ପ୍ରସାଦେବୀର ଶକ୍ତିମନ୍ତ ହୋଇ
ପ୍ରଲମ୍ଫନ କଲା ନଦୀ ବକ୍ଷେ ଦମ୍ଭେ ଯାଇ ଯେ ।୩୬।

ନିମିଷ ମଧ୍ୟରେ ଯାଇ କୂଳକୁ ଲାଗିଲା
ସୁବୁଦ୍ଧିନୀ ଧାଇପୁରେ ପ୍ରବେଶ ହୋଇଲା ଯେ ।୩୭।
ସୁବୁଦ୍ଧିନୀ ସମ୍ମୁଖରେ ସମସ୍ତ ଘଟଣା
ପ୍ରଘଟ କରିଣ ବୀର ଅର୍ପିଲା ପାଉଣା ଯେ ।୩୮।
ତରତର ହୋଇ ବେନିଜନେ ବାହାରିଲେ
ମାୟାବତୀ ତୀରେ ଯାଇ ହାଜର ହୋଇଲେ ଯେ ।୩୯।
ଅର୍ଦ୍ଧାକାଶ ଟେକି ବୀର ଧଇଲେ ଧାଈକୁ
ମାୟାବତୀ ପାରିକଲେ ପୂର୍ଣ୍ଣ ବାରିଥିଲୁ ଯେ ।୪୦।
ଅଶ୍ୱ ପୃଷ୍ଠେ ବସି ତହୁଁ ଗମନ କରିଲେ
ରାଣୀହଂସ ପୁରେ ଯାଇ ପ୍ରବେଶ କରିଲେ ଯେ ।୪୧।
ସର୍ବ ଉପଚାରେ ସେହୁ ପ୍ରସବ କରାଇ
ପ୍ରାପ୍ୟ ପାଇ ନିଜ ପୁର ମୁଖେ ଲେଉଟଇ ସେ ।୪୨।
ଅନୁଜ ବୁଦ୍ଧି ସାହସ ଦେଖି ନୃପବର
ପୁରସ୍କାର ଦେଇ କଲେ ପ୍ରତି ଉପକାର ସେ ।୪୩।
ବୋଇଲେ ହେ ବଳରାମ କାମେ ପ୍ରୀତ ହୋଇ
ରାଜ୍ୟ ଅର୍ଦ୍ଧେକ ତୁମକୁ ଦେଉଛି ବଢ଼େଇ ହେ ।୪୪।
ରାଜ୍ୟ ଭୋଗ କରଭାଇ ଆନନ୍ଦ ମନରେ
କି ଦେଇ ସୁଝିବି ତୋର ଋଣ ଏ ଜନ୍ମରେ ହେ ।୪୫।
ରାଜଦ   ଭୂମି ତୋର ପ୍ରାପ୍ତ ହେବ ନିଶ୍ଚେ
ଅଳପ ବହୁତ ଭାଇ ନ ଧରିବୁ ଚିତେ   ହେ ।୪୬।
ଏମନ୍ତ ଶୁଣିଣ ବୀର ସନମତ ହେଲେ
ଦଣ୍ଡବତ ହୋଇ ତହୁଁ ଆଶିଷ ପାଇଲେ ଯେ ।୪୭।

-୦-

ଅଷ୍ଟମ ସର୍ଗ: ରାଗ ପାହାଡ଼ିଆ କେଦାର
ପ୍ରଭାତ ବର୍ଣ୍ଣନା ନରସିଂହ ଦେବ ଭାଇ ବଳରାମ ଦେବଙ୍କୁ
ହୀରାଖଣ୍ଡ ରାଜ୍ୟ ଭାଇ ଭାଗ ପ୍ରଦାନ ବରଗଡ଼ ରାଜ୍ୟ ନିର୍ମାଣ

ଶୁଣ ସୁଜନ ରସ ନିଦାନ ପୁରାଣ ସାର ବଂଶ ଚୌହାନ
ସମଲେଶ୍ୱରୀ କରି ଧ୍ୟାନ ଲେଖିବି ଗୀତ ଯେ,
ଆବୁ ପର୍ବତ ଯଜ୍ଞ ଉତ୍ପ   ଯାହାର ବଂଶ ପବିତ୍ର ଅତି
ଯହିଁରେ ଜନ ସଦା ବିନତି ମୁଁ ଛାର ମାତ ଯେ,
ମୁଢ଼ ସାଗର ଲଂଘିବାକୁ ଇଛଇ ଯେ,
କର ଯୋଡ଼ି ଦେବୀରେ ସ୍ତୁତି ଜଣାଇ ଯେ,
ଆସି ଭକତେ ସଦୟ ହୋଇ ଆକୁଳେ ଡାକୁଅଛି ତୋ ଠାଇ
ସରସ ପଦ ଦିଅ ବତାଇ ହୃଦୟେ ରହି ଗୋ ।୧।

ପାହିଲା ନିଶୀ ବୁଡ଼ିଲେ ଶଶୀ ରଜନୀ ଚରେ ଯାବତ ମିଶି
ଗ୍ରହ ତାରକା ପ୍ରଭାତୀ ଆସି ଉଦୟ ମାନ ଯେ
ବଢ଼ାଇ ଦେଲା ନ କରି ହେଲା ଦିନ ମଣିଙ୍କ ସମୟ ବେଳା
ଦୁଷ୍ଟ ଜନଙ୍କ ଯାବତ ଲୀଳା ଶେଷ ବିଧାନ ଯେ,
କାନ୍ତି କୁସୁମ କମଳିନୀ ହୁଅଇ ଯେ,
ଶାଟୀ ମନ୍ଦାର କୋରକକୁ ଜିଣଇ ଯେ,
ଉଷାର ମନ ହୋଇ ଉଚ୍ଛନ୍ନ ମନ୍ଦହାସରେ କରି ଗମନ
ଗଗନେ ଗମି ପାଇଲା ସ୍ଥାନ ଉନ୍ନତେ ଯାଇ ଯେ ।୨।

ଗାଇଲେ ଗୀତ ହୋଇ ଉଚ୍ଛାଟ ରାଜନବରେ ସକଳ ଭାଟ
ବିବିଧ ସ୍ତୁତି ମଙ୍ଗଳ ପାଠ କରିଣ ରଟ ଯେ,
ବିବିଧ ବାଦ୍ୟ ବହୁ ଶବଦ ପୁରକୁ କଲା ସୁମୁଖରିତ
ଢୋଲ ମୃଦଙ୍ଗ ଶଂଖ ଶବଦ ଶ୍ରୁତିକୁ ରୋଧ ଯେ,
ଉଠିଲା ଚରାଚର ସକଳ ଚୟ ଯେ,
ସଭିଙ୍କ ହୃଦୟ ହୋଇ ଆନନ୍ଦମୟ ଯେ,
କୁସୁମ ମାନ କରୋକ ମୁ ୍ ପଡ଼ିଲେ ଧରା ତଳରେ ବି ୍
ବିବିଧ ଫୁଲେ ହୋଇଲେ ରଞ୍ଜି ଧରା ସୁନ୍ଦରୀ ଯେ ।୩।

କରିଲେ ଦିବାକର ସୁଗତି ମାତଳି ସଙ୍ଗେ ସପ୍ତ ସାରଥୀ
ସପ୍ତାଶ୍ୱ କୁଳେ କରାଇ ସ୍ଥିତି ରଥ ଉପରି ଯେ,
ଦ୍ୱାଦଶ ରବି ସଙ୍ଗେ ମରିଚି ଗଗନେ ବିଜେ ସତ୍ୟ ବିର ୍
ସକଳ ଜୀବେ ରକ୍ଷଣେ ସ ୍ ଧରା ଉପରି ଯେ,
ଅତି ଶୀଘ୍ର ରାଉତ ମାହୁନ୍ତ ଚୟ ଯେ
ବେଢ଼ି ବୀରକୁ କଲେ ଶୋଭା ଉଦୟ ଯେ
ଉଠିଲେ ଭୀମ ସେ ବଳରାମ ମୁଖେ ଉଚ୍ଚାରି ଶ୍ରୀରାମ ରାମ
ଅବସାନକୁ କପାଳ ବାମ ଭାଗ୍ୟ ଉଦୟ ଯେ ।୪।

ବୋଇଲେ ବୀର ସେନର ସିଂହ ଯାହାର ବୀର୍ଯ୍ୟେ ହାରିବେ ସିଂହ
ଯାହାର ନାମ ଦାନବ ଦାହ ପୌରୁଷ ପଣେ ଯେ,
କନିଷ୍ଠ ଭ୍ରାତ ଯେ ବଳରାମ ଅର୍ଦ୍ଧ କୋଶଳ କରି ଅର୍ପଣ
ସାନନ୍ଦ ଚିତେ   ଭାଗ ବ ନ ଯାବତ ଧନ ଯେ
ଅଶ୍ୱ ହସ୍ତୀ ସହିତେ କେତେ ସଇନ ଯେ
ରଥ ସାରଥୀ ରାଜପୁରୁଷ ଗଣ ଯେ,
ଅଙ୍ଗ ନଦୀ ଯେ ରହିବ ସୀମା ସେପଟେ ଗଡ଼ ରାଜ୍ୟ ସୁଷମା
ଜଗତେ ଖ୍ୟାତ ତୁମ ଗାରୀମା ବଢ଼ାଅ ମାନ ହେ ।୫।

ପୁଣି ଏମନ୍ତ କରି ବିଚାର ଆଗ ଗମିଲେ ମନ୍ତ୍ରୀ ସଙ୍ଗର
ଯାବତ ଦେଶ କରି ବିହାର କପି ପ୍ରକାର ଯେ,
ଜିରା ନଦୀର ସୁବେଳାଭୂମି ଚତୁର୍ଦ୍ଦିଗକୁ ରହିଛି ଲମ୍ଭି
ସମତଳରେ ସାଗରଗମି ସୁନ୍ଦର ଭାବେ ଯେ
ହରିଲା ହୃଦ କରି ଉଚ୍ଚାଟ ଚି ଯେ
କରିବି ଏଠି ସୁରାଜବାଟୀ ରାଜିବ ଏହୁ ଜଗତ ଲୋଟି
ଚିତେ ଚିନ୍ତିଲେ ମନରେ ରଟି ଶ୍ରୀନୃପମଣି ଯେ ।୬।

ତଦନ୍ତେ ରାଜପୁରୁଷ ଗଣ ଆସିଲେ ତହି ଜଣକୁ ଜଣ
ବୋହିଲେ ତହିଁ ଧନରତନ ଯାବତ ଧନ ଯେ
ରଚିଲେ ପୁର ଏକ କଟକ ଜଗତେ ଦିଶେ ଅତି ଝଟକ
ଦିପ୍ତି ବୋହିଲା ସେ ଦକଦକ ହରେ ସୁ ମନ ଯେ,
ଜାହ୍ନବି ପ୍ରାୟେ ବହିଲା ଜିରା ତହିଁ ଯେ,
ଅତି ନିର୍ମଳ ଜଳ ଭାବକୁ ବୋହି ଯେ
ରାଜିଲେ ରାମ ଇନ୍ଦ୍ର ସମାନ ଦେବତା ପ୍ରାୟ ପରଜାଗଣ
ରହିଲେ ସୁଖେ ଦିନକୁ ଦିନ ଆନନ୍ଦ ବୋହି ଯେ ।୭।

ସଜ୍ଜନ କୁଳେ ଶୁଭ ବିଚାର ଦୁର୍ଜ୍ଜନେ ଦେଲେ ଦଣ୍ଡର ଭାର
ଭିକ୍ଷୁକ ଜନେ ଭୋଜନ ସାର ଯେ ଯାହା ତୃପ୍ତି ଯେ,
ଦୀନଜନରେ ଦେଇ ବସନ ବ୍ରାହ୍ମଣ ଜନେ କରିଲେ ଦାନ
ଅନଳ ମୁଖେ ସେ ନୃପ ରାଣ କଲେ ଆହୁତି ଯେ,
ସ୍ଥାନେ ସ୍ଥାନେ ସ୍ଥାପି ଆଶ୍ରମ ମାନ ଯେ,
ଜ୍ଞାନ ଅର୍ଜିଲେ ପରଜା ପୁତ୍ର ଗଣ ଯେ,
ରଚିଲେ ବନ୍ଧ କେନାଲ ମାନ କେଦାରେ ହେଲା ଜଳ ପ୍ଲାବନ
ସୁଖେ କରିଲେ ପରଜାଗଣ ଶସ୍ୟ ଉତ୍ପନ୍ନ ଯେ ।୮।

ଗାଁଗାଁକୁ ପଥ ପଥରେ ରଚି ପାହାଡ଼ି ଦେଲେ ସେ ଦିନରାତି
ଚାର ଚତୁର ରଖିଲେ ବି ୍ ଜାଣିଲେ ବା ି । ଯେ
ସ୍ଥାପନ କଲେ ବଇଦଖାନା ରୋଗ ପ୍ରକୋପ ବୁଡ଼ିଲା ବାନା
ସୁଖେ ରମିଲେ ପରଜା ସେନା ନ ରହେ ଦୁଃଖ ଯେ
ସ୍ଥାନେ ସ୍ଥାନେ ସୁଜଳାଶୟ ମାନ ଯେ,
ବାପି ପୋଖରୀ ଜଳଛତରର ସ୍ଥାପନ ଯେ,
କରିଲେ ତହୁଁ ସେ ସୁବିଚାର ରହିଲା ନାହିଁ ଭୟ ତସ୍କର
ରତନ ନାରି ସମ୍ପ ି ପୁର ସୁସ୍ଥିର ମନ ଯେ ।୯।

ସ୍ଥାପିଲେ ପୁଣି ବିପଣି ମାନ କ୍ରୟ ବିକ୍ରୟ କରିଲେ ଜନ
ହୀରା ନୀଳା ଯେ ଯେତେ ରତନ ପଶୁ ଗୋଧନ ଯେ,
ବଣିକ ଜନେ କରି ବେପାର ଆଣିଲେ ବୋହି ଧନ ଅପାର
ତୋଳିଲେ ପୁରେ ସୁରମ୍ୟ ଘର ଦିନକୁ ଦିନ ଯେ
ଅଳକା ପୁରୀ ଲଂଘି ନ ପାରି ରହି ଯେ,
ଯେଣୁ ବହୁତ ଧନ ପୁରରେ ରହି ଯେ,
ମେରୁ ପୁରରେ ମିଶିବ ଯେବେ ରତିକି ସ୍ଥାନ ନୋହିବ ତେବେ
ତାହାର ଚୂର୍ଣ୍ଣ ରହିବ ଠାବେ ରତିମାତ୍ର ହିଁ ଯେ ।୧୦।

ବସିଲା ପୁଣି ଅନେକ କଳ ତିଆରି ହେଲା ବିବିଧ ମାଲ
ଦେଶ ବିଦେଶ ବୋହିଲା ରେଳ ମଟର ଗାଡ଼ି ଯେ,
ତଣ୍ଡୁଳ ତେଲ ଶର୍କରା ଲୁଣ ବିବିଧ ବସ୍ତ୍ର ପଥର ଚୂନ
ଖାଉଟି ବାଲା ଗାଇଲେ ଗୁଣ ତା ଗୁଣ ବଢ଼ି ଯେ
ରୂପଗୁଣ ମଧୁର ସୁପରିମଳ ଯେ
ହୋଇ ପ୍ରସରୁଅଛି ଜଗତକୋଳ ଯେ,
ଦିଗ ଦିଗକୁ କେତେ ସୁଫଳ ଯଶ କୀରତି ପ୍ରାୟ ଅନିଳ
ବରଗଡ଼ର ଜିନିଷ ଭଲ ସତେଜ ମାଲ ଯେ ।୧୧।

ଗଡ଼ିଲେ ପୁର ସେ ବଳରାମ ଛାଡ଼ି ଚାଲିଲେ ସଂସାର ଧାମ
ରହିଲା ନାମ ଅମରଧାମ ନାମ ମାତର ଯେ
ରହିଲା ନାମ ବଳଦେବଗଡ଼ ଅପଭ୍ରଂଶରେ ଏ ବରଗଡ଼
ବ୍ୟାଖ୍ୟା କରିଲେ ଏ ଶ୍ରେଷ୍ଠଗଡ଼ ବାହୁଲ୍ୟ ମାତ୍ର ଯେ
ଅଦ୍ୟ ରାଜୁଛି ସାର ଜଗତ ଯାକ ଯେ
ସ୍ୱର୍ଗୁ ପଡିଛି କି ଧରାଦେବ କଟକ ଯେ
ବଗିଚା ପୁଷ୍ପବନ୍ତ ମନ୍ଦାର ଦେଖି ଆନନ୍ଦେ ଯେ ଯାତ୍ରୀ ନର
ତରୁତମାଳ ପୁଷ୍ପ ଆବର ଯାହାକୁ ଯେତେ ଯେତେ ।୧୨।

ବାଟିକା ବନ ଦିଶିଲେ ଶୋଭା ଲଭିଲା ପୁର ଅପୂର୍ବ ଲୋଭା
କଳା ଦର୍ଶକ ଜନେ ବଢାଇ ନୟନ ଆଭା ଯେ
କଦମ୍ବ କୃଷ୍ଣ ମଲ୍ଲୀ ମାଳତୀ କେତକୀ ଚମ୍ପା ଟଗର ଯୁତି
କୁସୁମ ଦେଶେ ବଶ ନିତିକି ପୁରକୁ ଶୋଭା ଯେ,
ସୁରଭି ଘେନି ବହେ ଅନିଳ ଯେ
ଚତୁର୍ଦ୍ଦିଗକୁ ସଙ୍ଗେ ସ୍ୱର କୋକିଳ ଯେ
ସଂଯୋଗି ଜନେ ଦେଲା ଅମୃତ ବିଯୋଗି ଜନେ ହେଲେ ବିରକ୍ତ
କାମିନୀ ଜନେ କାମେ ଆସକ୍ତ ହୃଦ ବିକଳ ଯେ ।୧୩।

-୦-

ନବମ ସର୍ଗ: ରାଗ ଚୋଖି
ଶରତ ଋତୁ ବର୍ଣ୍ଣନା ଓ ବଳରାମଙ୍କ ଦୁର୍ଗାପୂଜା

ଏଥୁ ଅନ୍ତେ ଶୁଣ ରସ   ଶରତ ଋତୁ ପ୍ରବେଶ
ଶୁଭ୍ର ସଉରଭ ବେଶ ଧରା ସୁନ୍ଦରୀ
ବୋହି କମନୀୟ କାନ୍ତି   କୃଷକେ କରାଇ ଭ୍ରାନ୍ତି
ଗଗନ ମଣ୍ଡଳ ଶାନ୍ତି ପ୍ରଦାନ କରି
ବ୍ୟୋମ ଦେଶେ ରାଜଇ ଇନ୍ଦୁ
ଶୈବ ଭାଳପଟେ ଅବା ଚନ୍ଦନ ବିନ୍ଦୁ ।୧।

ନୀଳାମ୍ବର ରୂପଧରି   ନିଳାମ୍ବର ରୂପହରି
ନୀଳାମ୍ବୁ ବହନ କରି ବହଇ ନଈ
ଦୁର୍ବାଦଳ ରୂପ ଧରି   ଦୁର୍ବାଦଳ ରୂପ ହରି
ରାଜୁଛି ବାପି ପୋଖରୀ ଶ୍ୟାମଳ ବୋହି
ଶାଳୀ ପୂର୍ଣ୍ଣ ଶସ୍ୟ କେଦାର
ସୁଲଳିତେ ବାତେ ଯେହ୍ନେ ନୀଳସାଗର ।୨।

ରାଜୁଛି ନକ୍ଷତ୍ର ଗଣ   ଗଣ୍ଡ ମଣ୍ଡଳ ଚନ୍ଦନ
ମୁଖମଣ୍ଡଳକୁ ଜହ୍ନ ନବ କାମିନୀ
ପଡିଛି ଉନ୍ନ ।କାର   ଛାୟାପଥ ମନୋହର
କାମିନୀ ପାଦନୂପୁର ଶୋଭେ ଯାମିନୀ
ଜ୍ୟୋସ୍ନା ନୀର ପ୍ଲାବିତ ରାକା
ବିକାଶେ ଜ୍ୟୋତି ପବିତ୍ର ଜଗତେ ଏକା ।୩।

ଶିରେ କମନୀୟ ଚୂଳ   ଶୋଭେ କାଶତଣ୍ଡି ଫୁଲ
ସରସୀ ତଟନୀ କୂଳ ଗାଏ ମଧୁର
ସବୁଜ ବରନା ବିଲ   ସମୀର ଦୋଳନେ ଶୀଳ
ପାଳା ଗାୟକର ତୁଳ ସ୍ୱର ମଧୂର
ଲତା କୁଞ୍ଜେ ପକ୍ଷିଣୀ କୁଳ
ବାଉଥାନ୍ତି ସ୍ୱର ତାନେ ମୃଦୁଙ୍ଗ ତାଳ ।୪।

ପଂକ୍ତିପଂକ୍ତି ଶୁକ୍ଳବକ   ଥାନ୍ତି ନିସ୍ତବ୍ଧ ନିଶଙ୍କ
ଶ୍ରୋତା ଜନ ରୂପେ ତାଙ୍କ ସଭାମଣ୍ଡଳେ
ବକ୍ତା ରୂପରେ ବାୟସ   ଚକ୍ରାକାରେ ସେ ଆକାଶ
ଭ୍ରମଇ ପ୍ରାତଃ ଦିବସ ପକ୍ଷ ଚ ଳେ
ଚାମର ଚାଳନେ ବିଞ୍ଚୁନେ
କେଦାରେ କେଦାରେ ଚଳେ ମନ୍ଦ ପବନେ ।୫।

ବନ ବିପିନ ମଞ୍ଜୁଳ   ଶୋଭିଲେ ଘନଶ୍ୟାମଳ
ବିକଶି ବିବିଧ ଫୁଲ ସେ ପୁଷ୍ପବନ୍ତ
ଲୋଧ୍ର ବନ୍ଧୁକ ତମାଳ   ମାଳତି କୁମୁଦ ତିଳ
କଦଳୀ ସ୍ଥଳ କମଳ ଶୋଭେ ଅନନ୍ତ
ମୟୂର କୋକିଳ ସୁସ୍ୱନ
ଶରତ ଗମନ୍ତେ ସେହୁ ହେଲା ମଉନ ।୬।

ସରସୀ ସାରସ କ୍ରୀଡ଼ା   ହରିଲା ହୃଦୟ ପୀଡ଼ା
ଉଠିଲା କମଳ ଛିଡା ପୁଷ୍କ କାସାରେ
ବୋହିଲା ମୃଦୁ ଅନିଳ   ଜଗତ କରି ଶୀତଳ
ପୁରିଲା ହୃଦ କମଳ ତୃଷ୍ଣା କାସାରେ
ବାଇଲେ ଭ୍ରମର ବିତାନେ
ବୀଣା ବାଣୀ ଝଂକାରକି କମଳ ବନେ ।୭।

ଶଫରୀ କଲେ ଲଂପନ   ଉଲ୍ଲସିତ କରି ମନ
ବଳକା କଲେ ଭୋଜନ ଆନନ୍ଦ ମନେ,
ପୁରବଧୂ ପଦମିନୀ   କଳସେ ବୋହିଲେ ପାଣି
କନକ ରବି କିରଣୀ ଲାଗି ସେ ସ୍ଥାନେ
ବିଛୁରୀତ ହୁଅନ୍ତେ ଜ୍ୟୋତି
ପୁର ପୁଷ୍କରିଣୀ ରୂପ ଅମର କାନ୍ତି ।୮।

ପଦ୍ମିନୀ ପଦ୍ମିନୀ କାନ୍ତି   କନକ କଳସ ଜ୍ୟୋତି
ରବିଙ୍କ କନକ ଦ୍ୟୁତି ଏକତ୍ର ମିଶି
ଦିଶିଲା ବିଚିତ୍ର ଜ୍ୟୋତି   ବ୍ରହ୍ମଲୋକ ପରି ଭ୍ରାନ୍ତି
ନୟନ ପାଇଲା ଶାନ୍ତି ବ୍ରହ୍ମ ଦର୍ଶନେ
ତୀରତରୁ ପୁଷ୍ପିତ ଲତା
ପ୍ରତିବିମ୍ବ ପଡ଼ି ଜଳେ ସୌନ୍ଦର୍ଯ୍ୟ ଗନ୍ତା ।୯।

ଫୁଟିଅଛି କନିଅର   ଭ୍ରମରେ ରାତ୍ରେ ପିଅର
ଦିବସରେ ଅନାଦର ବକ୍ର ବଦନେ,
ଦୋଳାୟିତା ପଦମିନୀ   ଅନାଚାରେ ଅଭିମାନୀ
ପ୍ରାତଃ ପବନ ସଙ୍ଗିନୀ କରେ ବାରଣ
କାମାତୁର ବାତୁଳ ଅଳି
ଚାଟୁ ବଚନ ଭାଷଇ ଅମୃତ ଢାଳି ।୧୦।

ତଳେ ପଡ଼ି ପକ୍ୱ ଆତ   ଶିଳିନ୍ଧ୍ରୀ ପରାୟେ ଜାତ
ସୁରଭି ମୟ ଜଗତ ତା ରସ ଧାରା
ପକ୍ୱ ପିଜୁଳି କଦଳୀ   ଇକ୍ଷୁକାଣ୍ଡ ନାନାକୋଳି
ଭୁଞ୍ଜନ୍ତି ସାନନ୍ଦେ ତୋଳି ଜଗତ ସାରା
ପକ୍ୱଶାଳୀ ସେ ନବ୍ୟ ଗନ୍ଧ,
ହୃଦୟେ ପ୍ରଦାନ କରେ କେତେ ଆନନ୍ଦ ।୧୧।

ପୂଜୁଥାନ୍ତି ଗଜାନନ   ପୁରପଲ୍ଲୀ ସୁଶୋଭନ
ନବାନ୍ନ ପର୍ବ ପ୍ରଧାନ କୋଶଳ ଦେଶେ
ସଂଗ୍ରହ କରି ନୂତନ   ଫଳ ପତ୍ର ନବଧାନ
ସେବନ୍ତି ଲକ୍ଷ୍ମୀ ଚରଣ ଅତି ଉଲ୍ଲାସେ
ବିଶ୍ୱକର୍ମା କରମା ପୂଜା
ଲଳିତେ ପାଳିତ ଜନେ ପୂଜନ୍ତି ଭୂଜା ।୧୨।

ବାଜିଲା ଦେବ ଦୁନ୍ଦୁଭି ପ୍ରତିଧ୍ୱନି ତ କୁକୁଭି
ମାଦଳ ସଙ୍ଗେ ମହୁରୀ ଶୁଭେ ଅନନ୍ତ
କୁମାରୀଙ୍କ ଡାଳଖାଇ ପ୍ରିୟ ଜନେ ହାଇଫାଇ
ସୁରଭି ନ ର୍ନେ ଥାଇ ଅଳି ଯେମନ୍ତ
ସେବୁଥାନ୍ତି ସାରା ଜଗତ
ଅମ୍ବିକା ଚରଣ ଧ୍ୟାୟୀ ହୃଦୟ ଗତ ।୧୩।

ପ୍ରାତୁଁ ସାରି ଶୌଚକର୍ମ ଶୁଦ୍ଧପୁତେ ବଳରାମ
ପୂଜିଲେ ଶୁକ୍ଳ ନବମୀ ଭକ୍ତି ଚି ରେ
ବିବିଧ ପୂଜା ସମ୍ଭାର ଦିବ୍ୟ ଥାଳି ପୁଷ୍ପହାର
ଭୋଜ୍ୟ ଭୋଜନ ମଧୁର ମୁକ୍ତ ହସ୍ତରେ
ଅର୍ପିଲେ ଆହୂତି କୁଣ୍ଡରେ
ସହସ୍ର ମନ୍ତ୍ର ଉଚ୍ଚାରୀ ଦେବୀଙ୍କ ପୁରେ ।୧୪।

ଶୂନ୍ୟରୁ ଖସିଲା ଏକ ଜବା କୁସୁମ ମସ୍ତକ
ନୃପେ ତୁଷ୍ଟ ହୋଇଲେକ ସେ ଭଗବତୀ
ବୋଇଲେ ସେ ବଳରାମେ ତୋଷ ହେଲୁ ତୋର କର୍ମେ
ରାଜଧାନୀ ଆମ ଧାମେ ଆଣ ଝଟତି
ବରଣୀ ହୋଇବ ତୋ ଖଣ୍ଡା
ଅଗ୍ରଣୀ ଉଡ଼ିବ ତୋର ଧରଣୀ ଝଣ୍ଡା ।୧୫।

ଧନ୍ୟ ଧନ୍ୟ ବୋଲି ବୀର   ସହସ୍ର କରି ଜୁହାର
ଶ୍ରୀ ଦୁର୍ଗା ଦେବୀ ପୟର ଆବେଗ ମୟେ
ଧନ୍ୟ ଦେବୀ ତୋ କରୁଣା   ପଥ ହେଉଥିଲି ବଣା
ପଥ କଲୁ ମତେ ଜଣା ଯିବି ନିର୍ଭୟେ
ସେବୁଥିବି ତୋର ଚରଣ
ଦୟାମୟୀ ରଖିଥିବୁ ଗଲିଁ ଶରଣ ।୧୬।

ଏମନ୍ତ ବିବିଧ ସ୍ତୁତି   ପାଠ କଲେ ନରପତି
ପ୍ରଭାତ ହୋଇଲା ରାତି ଦଶମି ଦିନ
ପୂଜିଲେ ସେ ଦଶଭୂଜା   ସନ୍ତୁଷ୍ଟ ଚି ରେ ରାଜା
ସନ୍ତୁଷ୍ଟ କରାଇ ପ୍ରଜା ଦେଲେ ଭୋଜନ
ବ୍ରାହ୍ମଣେ ଦେଇଣ ଦକ୍ଷିଣା
ସାନନ୍ଦେ ଗମିଲେ ବୀର ନିଜ ପ୍ରଗଣା ।୧୭।

-୦-

ଦଶମ ସର୍ଗ: ରାଗ ବଙ୍ଗଳାଶ୍ରୀ

ବଳରାମ ଦେବଙ୍କ ଆଖେଟ୍ କ୍ରୀଡ଼ା
ସମଲେଶ୍ୱରୀଙ୍କ ଆବିର୍ଭାବ

ଦିନେ ମହାରାଜ ସାରି ରାଜ କାର୍ଯ୍ୟ
ବସିଛନ୍ତି ଅବସରେ
ରାଜ ଦରବାର ପ୍ରାସାଦ କାନ୍ଥର
ଦୃଷ୍ଟି ପଡ଼େ ଗ ର୍ ାନ୍ତରେ ।୧।

ଏକଇ ଚଟକ କରି ନୀଡ଼ ଏକ
ଆତ୍ମ ନିରାପଦ ମଣି
ଏପଟ ସେପଟ କରି ଚଟ୍‌ଚଟ୍
ଗତାଗତ ତତକ୍ଷଣି ।୨।

ଏହା ଦେଖି ନୃପ ହୋଇଗଲେ ସ୍ତୁପ
ଏକଲୟେ ଚାହିଁଚାହିଁ,
କିଛି କ୍ଷଣପରେ ବିଚାରି ଅନ୍ତରେ
ଏଠାରୁ ଶିଖିବି ମୁହିଁ ।୩।

ଗଡ଼ର ଭିତରେ ପ୍ରାସାଦ ଅନ୍ତରେ
ପୁଣି ତା ଭି ି ଗ ର୍ରେ
ବୁଦ୍ଧିମନ୍ତ ଏକ ପ୍ରାଜ୍ଞ ଏ ଚଟକ
ନିରାକୁଳେ ବସାକରେ ।୪।

ଆସନ୍ନ ଆପଦ ବରଷାକୁ ଶୀତ
ଗ୍ରୀଷ୍ମ ତାପୁଁ ଉଦ୍ଧାରଣେ
କରି ଅଛି ବସା ରଖିଣ ଭରସା
ରିପୁକୁଳ ନିବାରଣେ ।୫।

ଅକ କ ରାଜ୍ୟ ଥାଇ ମୋର ରାଜ୍ୟ
ଦୁର୍ଭେଦ ଦୁର୍ଗଟି ନାହିଁ
ନଦୀ ବା ସାଗର ପର୍ବତ ପ୍ରାଚୀର
ଦୁର୍ଗ ଯୋଗ୍ୟ ସ୍ଥାନ ନାହିଁ ।୬।

ଧନହୀନ ଜନେ ପଦବି ବିହୀନେ
ଶତ୍ରୁ ସିନା କେହି ନାହିଁ
ଲକ୍ଷ୍ମୀବନ୍ତ ଜନେ ପଦବି ଆସନେ
ରିପୁ ଅଭାବ ତା କାହିଁ ।୭।

ଏମନ୍ତ ବିଚାରି ରାମଦଣ୍ଡ ଧାରୀ
ତତକ୍ଷଣେ ମନ୍ତ୍ରୀ ହକାରୀ
ଆଦେଶିଲେ ମନ୍ତ୍ରୀ ସର୍ବରାଜ ଯନ୍ତ୍ରୀ
ଆଖେଟକୁ କର୍ମଚାରୀ ।୮।

ହେ ରାଜ ! ପୁରୁଷ ଯେତେ ରାଜବଂଶ
ସୈନ୍ୟ ପରିଷଦ ଗଣ
ହାତୀ ଘୋଡା ଓଟ ନ କରିଣ ମଠ
ସଜକର ତତକ୍ଷଣ ।୯।

ଆଖେଟକୁ ଯିବା   କାନନ ଭ୍ରମିବା
ନଦୀ ନାଳ ପରବତେ
ଟମକ ନିଶାଣ   ଭେରୀ ତୂରୀ ଘେନ
ଧନୁ ଆୟୁଧ ସଙ୍ଗତେ ।୧୦।

ଠେଙ୍ଗା ବର୍ଚ୍ଛା ଶର   ତୁଣୀର ମୁଦ୍ଗର
ସଙ୍ଗତେ ଶ୍ୱାନ ଘାତକ
ଖାଦ୍ୟପେୟ ବସ୍ତ୍ର   ଧର ନାନୀ ଅସ୍ତ୍ର
ସୈନ୍ୟଙ୍କର ଆବଶ୍ୟକ ।୧୧।

ସୁଦୂର ଗମିବା   କ୍ରୀଡ଼ା ଏ କରିବା
ଫଳ ମାଂସ ଖାଇଖାଇ
ବୁଲିବା ମଜାରେ   ବଣ ପାହାଡ଼ରେ
ପ୍ରେମଗୀତ ଗାଇଗାଇ ।୧୨।

ନୃପଙ୍କ ବଚନେ   ସର୍ବ ସୈନ୍ୟଗଣେ
ସର୍ବେ ସଜବାଜ ହୋଇ
ପ୍ରେମ ଉଲ୍ଲାସରେ   ଜୟ ଶବଦରେ
କମ୍ପାଇଲେ ଗିରି ମହୀ ।୧୩।

ଆନନ୍ଦ ଉଲ୍ଲାସେ   ରାଜା ଚଉପାଶେ
ଗମନ୍ତି ସର୍ବ ସଇନ
ଛିଦ୍ର ମେଘେ ଚନ୍ଦ୍ର   ଗମନ୍ତି ନକ୍ଷତ୍ର
ତେସନେ ଗମେ ରାଜନ ।୧୪।

ଧରଧର ବୋଲି ମାରମାର ବୋଲି
ଅସଂଖ୍ୟ ଠେଙ୍ଗା ଆଘାତ
ସେ ଶବ୍ଦ ପ୍ରାଣୀଙ୍କ କର୍ଣ୍ଣ ବିଦାରକ
ହୃଦକୁ କରେ ନିସ୍ତବ୍ଧ ।୧୫।

ଚିତ୍ରୋତ୍ପଳା ନଦୀ ଆରପାରି ଭେଦି
ଆକ୍ରୋଶେ ଗମିଲେ ସୈନ୍ୟ
କଳରାବ ନାଦେ କଂପାଇ ଶବଦେ
ଥରାଇ ପର୍ବତ ବନ ।୧୬।

ବରାହ ସମର କପୋତ ମୟୂର
ନାନା ପଶୁପକ୍ଷୀ ଗଣ
ଯେ ଯାହା ଦେଖନ୍ତି ନିର୍ଦ୍ଦୟେ ହାଣନ୍ତି
ଆନନ୍ଦେ କରି ଭୋଜନ ।୧୭।

ଏମନ୍ତ ପ୍ରକାରେ ବଣ ପାହାଡ଼ରେ
ବହୁଦିନ ଧରି ରାଜା
ଆଖେଟ ଆଳରେ ଦୁର୍ଗ ସନ୍ଧାନରେ
ଭ୍ରମଣେ ନିଅନ୍ତି ମଜା ।୧୮।

ଦିନେ ମହାରାଜା ଉଡାଇଣ ଧ୍ୱଜା
ବନସ୍ତେ ଭ୍ରମଣ କରି
ଛକି ବସିକରି ମ ।ର ଉପରି
ଜୀବଜନ୍ତୁ ଅନୁସରି ।୧୯।

ଏମନ୍ତ ସମୟେ   ଶଶକଟି ଦମ୍ଭେ
ଶ୍ୱାନକୁ ବିବସ କରି
ଆଣୁଅଛି ଖେଦି   କ ।ବୁଦା ଭେଦୀ
ଶ୍ୱାନ ଭାଗେ ପ୍ରାଣଧରି ।୨୦।

ଜୀବନ ଆକୁଳେ   ପଶି ମ । ତଳେ
ଲାଞ୍ଜ ଗୁଞ୍ଜେ ପିଚା ଳେ
କଇଁକଇଁ କରି   ନୟନ ବିସ୍ତାରୀ
ବସି ରହି ନିରୀକ୍ଷେ ।୨୧।

ଦେଖିଲେ ରାଜନ   ଅପୂର୍ବ ବିଧାନ
ଚିତ୍ରୋତ୍ପଳା କୂଳ ବନେ
ଖାଦ୍ୟ ଖାଦକର   ହିଂସ୍ରକ ବେଭାର
ଦେଖି ନ ଥିଲି ଜୀବନେ ।୨୨।

ମନରେ ଭାବିଲେ   ବିଚିତ୍ର ଏ ବନ
ରହିଛି ବଡ଼ ରହସ୍ୟ
ବିନା ଶକତିରେ   କିମ୍ବା ଏ ଶଶକ
ଦେଖାଏ ବୀରତ୍ୱ ଦୃଶ୍ୟ ।୨୩।

ଏମନ୍ତ ଚିନ୍ତିଣ   ବୋଇଲେ ରାଜନ
ଆଖେଟ ହେଉ ବିରତ
ଆଦେଶିଲେ ସୈନ୍ୟେ   ବିରମ ଏକାମେ
ସଂକଟଟି ଉପଗତ ।୨୪।

ରାଜାଙ୍କ ଆଦେଶେ ତତକ୍ଷଣେ ନିମିଷେ
ଆଖେଟ ବିରାମ କରି
ଏହାର କାରଣ କହନ୍ତୁ ରାଜନ
ବୋଇଲେ ସେ ଦଣ୍ଡ ଧାରି ।୨୫।

ବିଚିତ୍ର ଏବନ ଶୁଣ ସୈନ୍ୟଗଣ
ଦେଖି ନ ଥିଲି ଜୀବନେ
ଖାଦ୍ୟ ଖାଦକକୁ ଆକ୍ରମଇ କେବେ
ଆଜ ଦେଖିଲି ନୟନେ ।୨୬।

ଏଥିପାଇଁ ଆଜି ଧନ୍ୟ ବନ ରାଜି
ଆଖେଟ କର ବିରାମ
ଆସନ୍ତା କାଲିରୁ ଭାବି ଅନ୍ତରରୁ
କରିବା ଯଦୃଚ୍ଛା କାମ ।୨୭।

ଏମନ୍ତ ସମୟେ ରବି ଅସ୍ତାଳୟେ
କରିଲେ ଆସ୍ତେ ଗମନ
ସ୍ୱାମୀ ବଳରାମ ଶିବିରେ ଆରାମ
କରିଲେ ରାତ୍ରେ ଶୟନ ।୨୮।

ଶୋଇଲେ ଅଚେତେ ଆଖେଟ ଆରତେ
ଘୁଙ୍ଗୁଡ଼ି ମାରିଣ ସେହି
ରାତ୍ର ଅର୍ଦ୍ଧେ ମିଳି ମାତା କୁଳଦେବୀ
ବୋଇଲେ ସପନେ ରହି ।୨୯।

ହେ ବୀର ! ଭକତ   ଜାଣି ତୋ ବୀରତ୍ୱ
ଅଙ୍ଗେଦେଲିଁ ତୋର ଠାରେ
ଆଖେଟ କ୍ରୀଡାରେ   ଶଶକ ରୂପରେ
ଉଭାହେଲିଁ ତୋ ଆଗରେ ।୩୦।

ମନ ବିଡିବାକୁ   ଆସିଲିଁ ତୋଠାକୁ
ଶଶକ ରୂପକୁ ଧରି
ମୋ ରୂପ ନିରେଖି   ତୋ ଶ୍ୱାନ ପରଖୀ
ନ୍ୟୁନ ତେଜ ତା ଶରିରୀ ।୩୧।

ତୋ ଇଚ୍ଛା ପୂରଣ   ଆଜି ବଳରାମ
କଳ୍ପନା ଦୁର୍ଭେଦ୍ୟ ଗଡ
ଯୁଗ ଯୁଗ ଧରି   ରହି ଦୁର୍ଗଶିରି
ଏହାର ମହିମା ବଡ ।୩୨।

ଚିତ୍ରୋତ୍ପଳା ନଦୀ   ଦକ୍ଷିଣକୁ ଭେଦୀ
ଉ ରେ ପର୍ବତମାଳା
ବଟ ମଙ୍ଗଳ ଯେ   ପୁରୁବେ ଶୋଭିବ
ପଶ୍ଚିମେ ସରିତ ମାଳା ।୩୩।

ଚିତ୍ରୋତ୍ପଳା ନଦୀ   ଗୁମଦର୍ହା ଭେଦୀ
ଶିମୁଳୀ ବୃକ୍ଷର ତଳେ
ପ୍ରିୟ ବାସ ସ୍ଥାନ   ଅଟେ ମୋର ଜାଣ
ପରତେ ଯିବୁ ଦେଖିଲେ ।୩୪।

ମନ୍ଦିର ତୋଳାଇ   ପୂଜ ସମଲାଇ
ଏହି ନାମ ମୋର ଶ୍ରେଷ୍ଠ
ଆଶାପୁରା ନାମ   ରହିଥିଲା ପୂର୍ବେ
ହରୁଥିଲି ଦୁଃଖ କଷ୍ଟ ।୩୫।

ଗଡ଼ ସମ୍ବରେ ମୁଁ   ତୋ ଗଡ ସମ୍ବରୀ
ଶାକମ୍ବରେ ଶାକମ୍ବରୀ
ପାଟଣାଗଡ଼ରେ   ପାଟଣା ଇଶ୍ୱରୀ
ଶିମୂଳୀ ସମଲେଶ୍ୱରୀ ।୩୬।

ପୂଜ ସମଲେଇ   ଗଡ ଦୁର୍ଗେ ଥାଇ
ଅଗ୍ରଣୀ ହେବ ତୋ ଖଣ୍ଡା
ପୂର୍ଣ୍ଣ ମନୋରଥ   ନୋହିବ ବିଅର୍ଥ
ଉଡିବ ବିଜୟ ଧଣ୍ଡା ।୩୭।

ଏମନ୍ତ କହିଣ   ଦେବୀ ଅନ୍ତର୍ଦ୍ଧ୍ୟାନ
ରାତ୍ରେ କହିଗଲେ ସ୍ୱପ୍ନେ
ପଲଙ୍କରୁ ଉଠି   ସେନୃପ ନିରେଖି
ଶୟନ କକ୍ଷ ନିର୍ଜନେ ।୩୮।

ରୋମା୍ଲା ତନୁ   ପୁଲକିତ ମନୁ
ଉଙ୍କି ମାରି ସ୍ୱପ୍ନ କଥା
ସତ କି ସପନ   ଭାବି ଭାବି ମନ
ହୃଦୟକୁ ଦିଏ ବ୍ୟଥା ।୩୯।

ମନ୍ତ୍ରୀ ସହଚରୀ   ଡାକି ଦଣ୍ଡଧାରୀ
କହିଲେ ସମସ୍ତ କଥା
କର ଅନ୍ୱେଷଣ   ଶିମୂଳୀ ମହାନ
କେଉଁଠି ପାଇବା ପ । ।୪୦।

ଅସ୍ତ୍ରଶସ୍ତ୍ର ଧରି   ସଙ୍ଗେ ଦଣ୍ଡଧାରୀ
ସାମନ୍ତ ସଇନ ଯେତେ
ଧରଧର ବୋଲି   ମାରମାର ବୋଲି
ଖୋଜିଲେ ଘୋର ବନସ୍ତେ ।୪୧।

ଦେଖରେ ଦେଖରେ   ଖୋଜରେ ଖୋଜରେ
ଶୁଭେ ଅନନ୍ତ ଶବଦ,
ଚତୁର୍ଥ ପ୍ରହର   ଥାଉଁ କାଳ ରାତ୍ର
ଶୁଣି ଜୀବଜନ୍ତୁ ସ୍ତବ୍ଧ ।୪୨।

ଚଇତ ମାସର   ଶୁକ୍ଳପକ୍ଷ ରାତ୍ର
ପ୍ରଥମ ମଙ୍ଗଳବାର
ଉ ରା ଫାଲ୍ଗୁନୀ   ନକ୍ଷତ୍ର ରୋହିଣୀ
ଭୋଗ ସେ ଅଟେ ଦିନର ।୪୩।

ଧୀରେ ଧୀରେ ଯାଇ   ପ୍ରବେଶ ଗୋସାଇଁ
କେଉଁଠି ସେମେଲ ତରୁ
ଦୂରରୁ ଦେଖିଲେ   ମହାନଦୀ କୂଳେ
ବିରାଜୁଛି ମହାମେରୁ ।୪୪।

ସେ ବୃକ୍ଷ ତଳରେ ଜଳେ ଏକଦୀପ
ପାହାନ୍ତି ତାରା ପ୍ରକାର
କିବା ମଣିଚୂଳ ଅଥବା ଅନଳ
ମନରେ ସଂଶୟ ଘୋର ।୪୫।

ପ୍ରବେଶ ହୋଇଲେ ଦେଖି ତରୁତଳେ
ସୀମନ୍ତିନୀ ରୂପ ଛବି
ଶୀଳାର ଉପରି ବସି ନିରନ୍ତର
ବିକିରଇ ଜ୍ୟୋତି ପବି ।୪୬।

ସେ ମୁଖମଣ୍ଡଳ ଦିଶେ ଝଲମଲ
ମଧ୍ୟାହ୍ନ ରବିଙ୍କ ତେଜ
କିବା ଚନ୍ଦ୍ରକରେ ଅଭ୍ରଖଣ୍ଡ ଶିରେ
ଲାଗି ବିଚ୍ଛୁରିତ ତେଜ ।୪୭।

ସେ ମୁଖମଣ୍ଡଳେ ଦୃଷ୍ଟି ମହାବଳେ
ନୟନ ପ୍ରଭା ନୀଉନ
ହସ୍ତ ପଦ୍ମଫାଳେ ରଖି ନେତ୍ର ଢାଳେ
କରିଲେ ଦେବୀ ଦର୍ଶନ ।୪୮।

ରାଜନେତ୍ରେ ଗଡ଼ି ସେହି ଦିବ୍ୟ ଜ୍ୟୋତି
ପ୍ରଭାନ୍ୟୁନ ହୋଇବାରୁ
ସାଷ୍ଟାଙ୍ଗ ପ୍ରଣତି କରି ରାଜ ଯତି
ଭକ୍ତି ସମର୍ପି ହୃଦରୁ ।୪୯।

ରୋମା୍ତ ତନୁ   ଦୂର ହେଲା ମନୁ
ପୂର୍ବର ସଂଶୟ ଯେତେ
ଧନ୍ୟ ଧନ୍ୟ ବୋଲି   ନପାରି ସମ୍ଭାଳି
ପ୍ରଣମି ସଭକ୍ତି ପୂତେ ।୫୦।

ହୋଇଲେ ଆନନ୍ଦ   ଡାକି ସୈନ୍ୟ ବୃନ୍ଦ
ଆଦେଶିଲେ ଯହିଁ ଯେତେ
ଆଣ ଯା ସତ୍ୱର   ପୂଜାର ସମ୍ଭାର
ଫୁଲଫଳର ସହିତେ ।୫୧।

ଧୂପଦୀପ ସଙ୍ଗେ   ନାନା ବସ୍ତ୍ର ରଙ୍ଗେ
ଅରୁଆ ଚାଉଳ ଦୁବ
ସିନ୍ଦୁର କଜ୍ୱଳ   ପୁଷ୍ପ ମାଳମାଳ
ଯାବତ ପୂଜା ସମ୍ଭବ ।୫୨।

ପୂଜିଲେ ରାଜନ   ହୋଇଲେ ପ୍ରସନ୍ନ
ପ୍ରଥମେ ସେ ସମଲାଇ
ଲଭିଲେ ଶକତି   କରିଣ ଭକତି
ସମସ୍ତ ସୁଫଳ ପାଇ ।୫୩।

-୦-

ଏକାଦଶ ସର୍ଗ: ରାଗ ପଞ୍ଚମ ମଞ୍ଜରୀ
ମହାନଦୀ ବର୍ଣ୍ଣନା ଓ ସମଲପୁର ଗଡ଼ ପ୍ରତିଷ୍ଠା

ସୁମନା ସରଣୀ ଚାରୁ ସଙ୍ଗତି ସମାନ
ମହାନଦୀ ପ୍ରବାହିତ ସାଗର ଅଧ୍ୱନ ।୧।
ବନଗିରି ବକ୍ଷଚିରି ଶତଶତ ଅଦ୍ରି
ସ୍ୱଚ୍ଛଳ ସଲିଳ ଧାର ବକ୍ଷେ ଅଛି ଧରି ।୨।
ମହତ ବେଭାରେ ନତ କରି ଶିର ତାନ
ଅବିରତେ ଗତିପଥେ ତୃପ୍ତୀ ଜଳଦାନ ।୩।
ବସ୍ତା ଲୁଁ ଜାତ ହୋଇ ଗତି ଅକୂପାର
ଜଗତ ଜଞ୍ଜାଳେ ଯେହ୍ନେ ଆତ୍ମାର ଦୁର୍ବାର ।୪।
ପୂଣ୍ୟବନ୍ତ ପ୍ରବିଶ୍ଣନ୍ତ ରସଗ୍ରାହୀ ଯତି
ବନ ନଦନୀର ପାନେ ସର୍ବଦା ସେ ବ୍ରତୀ ।୫।
ହ୍ରସ୍ୱାକାରେ ଜାତ ହୋଇ ଦୀର୍ଘ୍ୟକୃତି ଧରି
ଅଣ ।ଶ ବର୍ଣ୍ଣ ପ୍ରାୟ ଧରଣୀ ପ୍ରସାରୀ ।୬।
କେତେବେଳେ ଭୀମ ରୂପେ କୀଚକ ଘାତଇ
କେତେବେଳେ କୃଷ୍ଣ ରୂପେ ଜଗତ ପାଳଇ ।୭।
ଭୂଜଙ୍ଗ ରୂପରେ କଦା କୂଳକୁ ଦଂଶଇ
ନାଗଧ୍ୱନୀ ଶବ୍ଦେ କଦା ଗୁଣୀରୂପ ବହି ।୮।
ଭାନୁ ସୁତ ରୂପେ କଦା ଶାନ୍ତି କରେ ଦାନ
ବିଶ୍ରବା ରୂପରେ କଦା ନୀରେ କ୍ଳେଶ ଦାନ ।୯।
ଭଗୀରଥ ରୂପେ ଜନେ ତାପରୁ ଉଦ୍ଧାର
ରାହୁପଣେ ନାଶେ କଦା ଜଗତ ଆବର ।୧୦।
ପଦ୍ମିନୀ ରୂପରେ କଦା ମାନସ ରଞ୍ଜଇ
କୁଳଟା ପରାୟେ କଦା କୂଳକୁ ବୁଡଇ ।୧୧।
ଜନନୀ ରୂପରେ ସଦା ତୀରବାସୀ ପାଳେ
ଜନକ ରୂପରେ ସଦା ପୁରମାନ ତୋଳେ ।୧୨।

ସଖାଙ୍କ ରୂପରେ ସଖା ତୀରବାସୀଙ୍କର
ଭ୍ରାତା ଭଗିନୀ ପରାୟେ ପ୍ରଗାଢ଼ ଆଦର ।୧୩।
କବିଙ୍କ ସଙ୍ଗୀତ ଶାଳା ପ୍ରାଜ୍ଞଙ୍କ ଉପ୍ ି
ବୈଜ୍ଞାନୀ ବିଜ୍ଞାନ ଗାର ଭାବୁକଙ୍କ ମତି ।୧୪।
ଜଳଧାର ପ୍ରାୟେ ଲତା କୂଳ ମନୋହର
ତୀରତରୁ ବେଢ଼ିଛନ୍ତି ଭୂଜଙ୍ଗ ପ୍ରକାର ।୧୫।
ପ୍ରସ୍ଫୁଟିତ ଘନପୁଷ୍ପ ଭ୍ରମର ସହିତ
ବିନୋଦି ଜନମାନଙ୍କ ହରୁଅଛି ଚି ।୧୬।
ନଦୀର କେଉଁ ପ୍ରଦେଶ ବାଟିକା ପ୍ରକାର
ଉର୍ବାରୁକ ଫଳମାନ ଫଳିଛି ଭୂମିର ।୧୭।
ନଦୀର କେଉଁ ପ୍ରଦେଶ ଉଦ୍ୟାନ ପ୍ରକାର
ବିବିଧ ପୁଷ୍ପ ସୌରଭେ ଅତି ମନୋହର ।୧୮।
ନଦୀର କେଉଁ ପ୍ରଦେଶ ଶ୍ୟାମ ରୂପ ବୋହିଁ
ଶସ୍ୟ କେଦାର ପରାୟେ ଭ୍ରାନ୍ତି ଉପୁଜଇ ।୧୯।
ନଦୀର କେଉଁ ପ୍ରଦେଶ ମିକତା ଶଇଳ
ସାହାରା ମରୁ ପରାୟେ ମୃଗତୃଷ୍ଣା ଖେଳ ।୨୦।
ନଦୀର କେଉଁ ପ୍ରଦେଶ ଦିତିଙ୍କ ପ୍ରକାର
ବିଜଡିତ ଶୀଳା ଦୈତ୍ୟ ବୋହିଛି ଶ୍ରଦ୍ଧାର ।୨୧।
ନଦୀର କେଉଁ ପ୍ରଦେଶ କୁଶମୟ ହୋଇ
ଶିଉଳି ଶଇଳପ୍ରାୟ ନୟନେ ଲୋଟଇ ।୨୨।
ନଦୀର କେଉଁ ପ୍ରଦେଶ ଇକ୍ଷୁଭାଡି ପୁଣ
ବିକଶି କେଶର ଅଗ୍ରେ ଜଳଦ ସମାନ ।୨୩।
ନଦୀର କେଉଁ ପ୍ରଦେଶ ପକ୍ୱଶାଳୀ କ୍ଷେତ୍ର
କନକ ପ୍ଳାବନ କିବା ପୁଳକିତ ନେତ୍ର ।୨୪।
ନଦୀର କେଉଁ ପ୍ରଦେଶ ଜନପଦ ବୋହି
ସୁମନପୁର ପ୍ରତିକ ମର୍ ୍ୟ ପ୍ରକାଶଇ ।୨୫।

ନଦୀର କେଉଁ ପ୍ରଦେଶ ବନ୍ଧନେ ବନ୍ଧନ
ତୋୟ ରାଶି ରହିଥାଏ ସାଗର ସମାନ ।୨୬।
ନଦୀର କେଉଁ ପ୍ରଦେଶ ବନ୍ଧନେ ବନ୍ଧନ
ତୋୟ ରାଶି ରହିଥାଏ ସାଗର ସମାନ ।୨୬।
ନଦୀର କେଉଁ ପ୍ରଦେଶ ଶୁଷ୍କ ରୂପେ ରହି
କ୍ରୀଡ଼ା ପ୍ରାନ୍ତର ପରାୟେ ପ୍ରଶସ୍ତ ଦିଶଇ ।୨୭।
ନଦୀର କେଉଁ ପ୍ରଦେଶ ଭଉଁରୀର ମାଳ
ଭ୍ରମ ଲସିକା ନ ର୍ନେ ହୋଇଅଛି ମେଳ ।୨୮।
ବିଜନିତ କଳକଳ ନୀର ସ୍ରୋତ ଧାର
ସ୍ୱର ଶ୍ରୁତିର ଗହ୍ୱରେ ଅତି ମନୋହର ।୨୯।
ନଦୀର କେଉଁ ପ୍ରଦେଶ ସଫରୀ ମକର
ଲମ୍ଫନ କ୍ରୀଡ଼ାରେ ଅବିରତ ହିଁ ତାଙ୍କର ।୩୦।
ଅନେକ ମଠ ମନ୍ଦିର ତୀରେତୀରେ ରହି
ଦେବାର୍ଚ୍ଚନେ ଅବିରତ ଘ   ଶଙ୍ଖ ବାଇ ।୩୧।
ସୁଧାଂଶୁ କିରଣ ତହିଁ ନିତ୍ୟ କରେ ବାସ
କଲ୍ଲୋଳ ଦେହରେ ବାଜି ବିକାନ୍ତି ପ୍ରକାଶ ।୩୨।
କୂଳକୂଳ ଆମ୍ର କୁଞ୍ଜ ବିଭସ୍ନ କାରକ
ଶ୍ମଶାନ କବର ଦୃଶ୍ୟ ଭୟ ସଂଚାରକ ।୩୩।
ନଦୀର କେଉଁ ପ୍ରଦେଶେ ଚିତାଗ୍ନି ପାଉଁଶ
ଦାବାନଳ ପ୍ରାୟ ଦିଶେ ନିଶୀଥ ପ୍ରଦୋଷ ।୩୪।
ନଦୀର କେଉଁ ପ୍ରଦେଶ ଶାଗୁଣା ଗୋମାୟୁ
ନିର୍ଭୟରେ ଭ୍ରମୁଥାନ୍ତି ଭକ୍ଷି ଶିରା ସ୍ନାୟୁ ।୩୫।
ନଦୀର କେଉଁ ପ୍ରଦେଶ ଅଭିସାର ସ୍ଥଳ
ବେଣା ମଇଶନା ତୃଣ ଉ ମ ଜଙ୍ଗଲ ।୩୬।
ନଦୀର କେଉଁ ପ୍ରଦେଶ ହ୍ରଦ ପୂର୍ଣ୍ଣ ଜଳ
ଭୟ ସଂଚାରଇ ଜନେ ଅହି ନକ୍ର କୁଳ ।୩୭।

ବର୍ଣ୍ଣୁଥିଲେ ସରିବାର ନୁହେଁ ଏ ଚରିତ
ଆନ କଥା ଘେନ ଜନେ ରସିବ ତ୍ୱରିତ ।୩୮।
ଏଥୁ ଅନ୍ତେ ବଳରାମ ମନ୍ତ୍ରୀ ଗଣେ ଡାକି
ଆଦେଶିଲେ ରାଜଧାନୀ ନେବାକୁ ତହିଁକି ।୩୯।
ତଦନ୍ତେ ମନ୍ତ୍ରୀଗଣେ ନିମିଷ ମଧ୍ୟରେ
ଡେଙ୍ଗୁରା ବାଇଶ ରାଜ୍ୟେ ବୋଇଲେ ସତ୍ୱରେ ।୪୦।
ମାସ ଷଷ୍ଠ ସମୟରେ ତୋଳାଇ ପୁରେକ
କୁବେର ପୁରକୁ ରୂପ କରୁଥିବ ଧିକ ।୪୧।
ଶତଶତ ରାଜମିସ୍ତ୍ରୀ ମହାନଦୀ ତୀରେ
ଶ୍ରାବଣୀ ନଦୀ ପରାୟେ ଧାଇଁଲେ ସେଖରେ ।୪୨।
ଷଷ୍ଠ ମାସ ମଧ୍ୟେ ତହିଁ ଗଢ଼ି ରାଜବାଟୀ
କାର୍ଗିଲ ଯୁଦ୍ଧ ପରାୟେ ଜୟ କଲେ ଘାଟି ।୪୩।
ସୁମନା ପୁରକୁ ଶୋଭା ଜିଣିଲା ନବର
ଦର୍ଶନେ ହୋଇଲେ ମୁଦ ଅତି ନୃପବର ।୪୪।
ରୋମା ୍ଲା ଶୁଭ୍ରତନୁ ବଳଦେବଙ୍କର
ଗାଇଲେ ଶିଳ୍ପୀଙ୍କ କାରୁକାର୍ଯ୍ୟ ଆନନ୍ଦର ।୪୫।
ସୁଉଚ୍ଚ ଶାଳିନୀ ସୌଧ ମେଢ଼ ଅଟ୍ଟାଳିକା
ସୁମେରୁ ଶିଖର ସମ ନୟନ ନିର୍ଲିକା ।୪୬।
ପରିଖା ବେଷ୍ଟିତ ରାଜ ନଗରୀ ଉ ମ
ରିପୁ ହୃଦ ବିଦାରକ ଭେଦନେ ଅକ୍ଷମ ।୪୭।
ଗର୍ଭଗୃହ ବାସଗୃହ ରାଣୀହଂସ ପୁର
ଦେବାଳୟ ନାଟ୍ୟ ରଙ୍ଗ ସଭା ଅନ୍ତପୁର ।୪୮।
ସୈନ୍ୟ ଗୃହ ଅଶ୍ୱଶାଳ, ହସ୍ତୀଶାଳ ମାନ
ପରିତଃ ସେ ବିଭ୍ରାଜିତ ହୋଇଲା ନିର୍ମାନ ।୪୯।
ପୃଷ୍ଟ ପଟେ ପୁଷ୍କରିଣୀ ଅଗ୍ରରେ ତୋରଣ
ବେନିପଟେ ପୁଷ୍ପୋଦ୍ୟାନ ହରେ ମନ ପ୍ରାଣ ।୫୦।

ସମସ୍ତ କଳା ନୈପୁଣ୍ୟ ପୁର ରଚି ନୃପ
ବେଦାଧ୍ୟାୟି ବ୍ରାହ୍ମଣରେ ପୁରକଲେ ପୁତ ।୫୧।
ଭିକ୍ଷୁକ ପଡୋଶୀ ଜନେ ତୋଷି ମିଷ୍ଟ ଅନ୍ନେ
ଦେବାଦେବୀ ମନତୋଷି କରି ଅର୍ଥ ଦାନେ ।୫୨।
ସାନନ୍ଦେ ରହିଲେ ନୃପ ନିର୍ଭୟରେ ତହିଁ
ରାମ ନୃପ ଅଯୋଧ୍ୟା କୁ ବିରାଜିଲା ମହୀ ।୫୩।

-୦-

ଦ୍ୱାଦଶ ସର୍ଗ: ରାଗ ଆହାରୀ
ସମଲପୁର ନଗର ବର୍ଣ୍ଣନା

ରସଗ୍ରାହୀ ଶୁଣ ସୁଧାମୟ ରସ
ସଂସାରେ ଲଭିବ ନିଶ୍ଚେ ଦିବ୍ୟ ଯଶ ।୧।
କାବ୍ୟ ସେବି ସାଧୁ ରଖି ଯଶ ଲକ୍ଷି
କୁସୁମ ନିଗାଡି ଯଥା ମଧୁ ମକ୍ଷି ।୨।
ଖଚୁଆ ମିଛୁଆ ସ୍ୱାର୍ଥ ପର ଜନ
ପର ଅପକାରେ କାଟଇ ଜୀବନ ।୩।
ବାହୁବଳେ ଧନ ଅରଜି ପଦବି
ଭୋଗ ଲାଳସାରେ ସମୟକୁ ସେବି ।୪।
ଅସତ ଉପାୟେ ନିର୍ଜୀବ ପଦାର୍ଥ
ଅରଜି ରଖଇ ଟାଣିବାକୁ ଅର୍ଥ ।୫।
ଅର୍ଥ ଲୋଭେ ଯେହୁ ଗଢ଼ିଛି ତା କାୟ
କାହିଁ ସେ ବୁଝିବ ଭବ ପ୍ରୀତି ମୟ ।୬।
ଧନ ଲାଗି ସିନା ବଡ ଟାଣ ପଣ
ସେ କାହୁଁ ବୁଝିବ ପ୍ରୀତି ସମ୍ଭାଷଣ ।୭।
ସେ ଜାଣି ନ ପାରେ ପର ଧନେ ଟାଣ
ଲୋକଙ୍କୁ ଦେଖିଲେ କରେ ଅଭିମାନ ।୮।
ଶୁଦ୍ଧ ବଂଶେ ଯେହୁ ଜାତ ନୁହେଁ ଜନ
କାହୁଁ ସେ ବୁଝିବ ଶାଶ୍ୱତ ଚଳନ ।୯।
ଶୁଦ୍ଧ ଶୋଣେ ଯେହୁ ଜାତ ନୁହେଁ ଲୋକ
କାହୁଁ ଜାତ ହେବ ତା ହୃଦେ ବିବେକ ।୧୦।
ପରଧନେ ଯେହୁ ଲାଳସା ଅଇରି
କାହିଁ ସେ ଲଭିବ ଶାଶ୍ୱତ ମାଧୁରୀ ।୧୧।
ଭାବୁକ ବିନୋଦି କବି ଚିନ୍ତାମଣି
ସର୍ବତ୍ର ଦେଖନ୍ତି ଶୁଦ୍ଧ ଜ୍ୟୋତି ଖଣି ।୧୨।

ଖାଲି ଆଖିକୁ ଯା ପରବତ ବଣ
ତହିଁ ସେ ଦେଖଇ ନନ୍ଦନ କାନନ ।୧୩।
ଅପ୍ରମେୟ ବଳବୀରଙ୍କ ଯେ ପୁର
ସ୍ୱର୍ଣ୍ଣାକ୍ଷରେ ନାମ ଏ ସମ୍ବଲପୁର ।୧୪।
ସମଲେଶ୍ୱରୀଙ୍କ ପ୍ରଭାବରୁ ଜନେ
ବଳଶାଳି ହେଲେ ଅପୂର୍ବ ବିଧାନେ ।୧୫।
ଆବାଳ ବନିତା ଯୁବବୃଦ୍ଧ ବୃଦ୍ଧା
ଶତ୍ରୁର ସଂଗ୍ରାମେ ସର୍ବେ ବୀର ଯୋଦ୍ଧା ।୧୬।
ଶେଷ ଅଣୁ ଶୋଣ ଶରୀରେ ଯାବତ
ମାତୃଭୂମି ପ୍ରେମ ରହିଛି ତାବତ ।୧୭।
ସେ ପୁରର ଭାଷା ଅମୃତ ମାଧୁରୀ
ସଂଗୀତ ମୂର୍ଚ୍ଛନା ଏ ସମଲପୁରୀ ।୧୮।
କାର୍ଯ୍ୟ ଦକ୍ଷତାରେ ଯା ପ୍ରଜା କୁଶଳ
ଏଣୁ ଏହି ଦେଶ ନାମଟି କୋଶଳ ।୧୯।
ଯେ ପୁରର ହର୍ମ୍ୟ ଗଗନ ପ୍ରଶାରୀ
ଅଳକାପୁରକୁ ସ୍ପର୍ଦ୍ଧା ମନୋହାରୀ ।୨୦।
ମହାନଦୀ ଜଳେ ପଡ଼ି ଯାର ଛବି
ରାଜୁଛି ଏକତ୍ର ପୁରଦ୍ୱୟ ପବି ।୨୧।
ସେ ନଦୀର ନୀରେ ପଡ଼ି ରଶ୍ମି ରବି
ବିଧିତି ଧୌତରେ ପୁର ଅତି ପବି ।୨୨।
ରାତ୍ରେ ଚନ୍ଦ୍ରକାନ୍ତି ସୁଧା ଧୌତ ପୁର
ଉଭୟ ବିକଶି ନଦୀ ଅନ୍ତପୁର ।୨୩।
ସ୍ୱଚ୍ଛଳ ସଲିଳେ ସ୍ୱରଶ ଯେ କାନ୍ତି
ବ୍ରହ୍ମଲୋକ ଶୋଭା ଏପୁରେ ପ୍ରତିତି ।୨୪।
ମହାନଦୀ ନୀରେ ରହି ଅବିରତ
ଅଯୋଧ୍ୟାକୁ ସତେ ଗଙ୍ଗା ପାଦ ଧୌତ ।୨୫।

ସେ ସ୍ଥାନ ପବିତ୍ର ମଣି ସେ ଭବାନୀ
ଅତି ଶ୍ରଦ୍ଧା ବଳେ କରିଲେ ରହଣି ।୨୬।
ସେ ପୁର ମହତ୍ୱ କେ ଅବା କହିବ
ସ୍ୱୟଂ ସିଦ୍ଧ ମୁନି ଜଡବା ନୋହିବ ।୨୭।
ରାତ୍ରେ ପଡ଼ି ପୁଣି ବିଦ୍ୟୁତ ଆଲୋକ
ସୃଜୁଅଛି ନଦୀ ନୀରେ ଦିବ୍ୟାଲୋକ ।୨୮।
ନୁହେଁ ବିଦ୍ୟୁଲ୍ଲୋକ ନୁହେଁ ନଦୀ ଜଳ
ଫୁଟିଛି ଗଗନେ ତାରା ମାଳମାଳ ।୨୯।
ସେପୁର ବିଜୁଳି ଗଗନ ନକ୍ଷତ୍ର
ନଦୀ ଜଳ ଛବି ବୋହି ଦିବ୍ୟ ଗାତ୍ର ।୩୦।
ହୀରାକୁଦ ବତୀ ଦିଶେ ବହୁ ଦୂରୁଁ
ସପ୍ତର୍ଷି ପରାୟେ ଭ୍ରମ ଜାତ ମନୁ ।୩୧।
ଯା ଦୂରଦର୍ଶନ ଦୂର ଭାଷା କେନ୍ଦ୍ର
ସୁମନପୁରକୁ ନିଶୁଣି ପ୍ରକାର ।୩୨।
ସର୍ବୋପରି ବତୀ ନକ୍ଷତ୍ରରେ ମିଶି
ଗଗନ ଗର୍ଭରେ ଯାଉଛନ୍ତି ମିଶି ।୩୩।
ଗୋଳ ବଜାରର ଶୋଭା ମନ ଲୋଭା
ବିବିଧ ପଣ୍ୟରେ ପାଉଥାଏ ଶୋଭା ।୩୪।
ମୁଁ ଉଚ୍ଚ ଶାଳିନୀ ପ୍ରାସାଦମାଳିନୀ
ବଳାହକ ସଙ୍ଗେ କରିଛି ସଙ୍ଗିନୀ ।୩୫।
ଉନ୍ନ ପ୍ରସାରୀ ସେ ଶରଣୀ ପଥ
ଭୂଜଙ୍ଗ ପରାୟେ କୁଟୀଳତା ବକ୍ଷ ।୩୬।
ଛକ ମାନଙ୍କର ପୁଲିସ ଟ୍ରାଫିକ
ପଥ ଚାରୀଜନେ ବତାନ୍ତି ସେ ଦିଗ ।୩୭।
ପଥ ଦୁଇ ପାର୍ଶ୍ୱେ ବିପଣିର ଆଳ
ବିବିଧ ପଦାର୍ଥ ଶୋଭେ ମାଳ ମାଳ ।୩୮।

ପର୍ବତ ଶିଖର ହର୍ମ୍ୟମାନ ଯହିଁ
ବିଶ୍ୱାମିତ୍ର ସ୍ୱର୍ଗ ନିର୍ମିତ କି ସେହି ।୩୯।
ଉନ୍ନତ ମାନର ପାଠଶାଳାମାନ
ନାଳନ୍ଦା ପରାୟେ ଦିଶେ ଶୋଭାବନ ।୪୦।
ହିମଗିରି ସମ ନିର୍ମିତ ପ୍ରାଚୀର
କାରାଗୃହ ଭୟ ଜାତ ଯମପୁର ।୪୧।
ଚଳଚ୍ଚିତ୍ର ଶାଳା ଅତି ମନୋହାରୀ
ଗନ୍ଧର୍ବ ପୁରକୁ ମର୍ତ୍ତ୍ୟେ ଅଛି ଧରି ।୪୨।
କୃଷ୍ଣପଥେ ଚଳେ ବିବିଧ ଯା ଯାନ
ପିପିଲିକା ପଥ କରି ଅନୁସ୍ରଣ ।୪୩।
ଲୋକଯାନ ଶୋଭା ଅତି ମନଲୋଭା
ପାର୍ଲାମେ   ପରି କରୁଥାନ୍ତି ସଭା ।୪୪।
ବାଷ୍ପୀୟ ଶକଟ ଓଭରବ୍ରିଜରୁ ଯାତ
ଅହିରାଜ କିବା ଗ ର୍ତୁ ବର୍ହିଗତ ।୪୫।
ତାର ରାବ ଶୁଣି କେତେ ନରନାରୀ
ପଶୁଥାନ୍ତି ଗର୍ଭେ ସେ ପତଙ୍ଗ ପରି ।୪୬।
ସେ ବ୍ରିଜ ଉପରୁ ଖସି ଯାନ ଜନ
ଏ ପୁରକୁ ଇଛି କିବା ଦେବଗଣ ।୪୭।
ଦ୍ୱିଚକ୍ର ତ୍ରିଚକ୍ର ଯେତେ ଯାନମାନ
ଠଣ ଠଣ ଶବ୍ଦେ ବିଜଡ଼ିତ କାନ ।୪୮।
ଶୋଭେ ଗଙ୍ଗାଧର ମହାବିଦ୍ୟାଳୟ
ମେଧାବୀ ଜନଙ୍କ କୃତୀ କର୍ମ ଚୟ ।୪୯।
କର୍ମ କାର୍ଯ୍ୟାଳୟେ ଯେତେକ ସେବକେ
ବିନା ଲାଜେ   ସେବୁଥାନ୍ତି ହିତେ ଲୋକେ ।୫୦।
ମୁକ୍ତ ବିଦ୍ୟାଳୟ ସେହି ଜିଲ୍ଲା ସ୍କୁଲ
ମେଧାବୀ ଛାତ୍ରଙ୍କ ଜନ୍ମ ଉତ୍ସ ସ୍ଥଳ ।୫୧।

ଅନ୍ୟ ଯେତେ ରହିଛନ୍ତି ଶିକ୍ଷାସ୍ଥଳୀ
ଉନ୍ନ   ମାନର ଗୁରୁକୁଳ ଭଳି ।୫୨।
ନଗର ପୁରୋଧା ରୂପେ ବୁଢ଼ାରଜା
ପର୍ବତ ନୁହଇ ମୁଖ୍ୟସାକ୍ଷୀ ପ୍ରଜା ।୫୩।
ଉତ୍‌ଥାନ ପତନ ଦେଖି ଏ ପୁରର
ଯୁଗଯୁଗ ଧରି ରହି ଅଦ୍ରିବର ।୫୪।
ଦେବାଳୟେ ଶଙ୍ଖ ଘ   ନାଦ ପୁରେ
ପ୍ରାତଃ ସନ୍ଧ୍ୟା ମୁଖରିତ ସୁମଧୁରେ ।୫୫।
ମନ୍ଦିର ପୁରରେ ମାଳିଙ୍କ ପସରା
କୁସୁମ ପେଟୀକୁ ଦୀପଧୂପ ଭରା ।୫୬।
ଭଗବତି ଭକ୍ତ ପ୍ରେମୀ ଏହି ପୁର
ଏଣୁ ଶକତିରେ ଜିଣିଲେ ତ୍ରିପୁର ।୫୭।
ଅଶ୍ୱିନୀ କୁମାର ପ୍ରାୟ ବୈଦ୍ୟ ଗଣ
ସେବୁଥାନ୍ତି ରୋଗୀ ପୁତ୍ରର ସମାନ ।୫୮।
ଧନୀମାନୀ ଗୁଣୀ ଯେତେ ଥାନ୍ତି ପୁରେ
ବୃଷଭ ସମାନ ନିର୍ଭିକ ସଂସାରେ ।୫୯।
କଟକ ନିର୍ମାଣ ଅତିହିଁ ଛଟକ
ବିଶ୍ୱକର୍ମା ଗୁରୁ ହୋଇବ କଟକ ।୬୦।
ଇନ୍ଦ୍ରସମ ବଳରାମ ଶୋଭା ପାଇ
ଦେବଗଣ ପ୍ରାୟ ପ୍ରଜା ବାସ ତହିଁ ।୬୧।
ନଗର ବର୍ଣ୍ଣନା କରି ଏ ସୁରେଶ
ସମଲେଇ ପାଦ ସଦାକରି ଆଶ ।୬୨।

-୦-

ତ୍ରୟୋଦଶ ସର୍ଗ: ରାଗ ବସନ୍ତ
ରାତ୍ର ବର୍ଣ୍ଣନା, ସ୍ୱପ୍ନରେ ସମଲେଶ୍ୱରୀ ବଳରାମ ପ୍ରତି
ସେବା ମାଗିବା ଓ ଶାଳ୍ମଳୀ ତରୁ ବର୍ଣ୍ଣନା

ଏଥୁ ଅନନ୍ତରେ ଯେ ଦିବସ ହେଲା ଶେଷ
ଅସ୍ତ ଚଳଚୂଳେ ରବି କରିଲେ ପ୍ରବେଶ ଯେ ।୧।
ସ୍ଥାବର ଜଙ୍ଗମ କ୍ରୀଡ଼ା ସମାପନ କରି
ନିଶି ଭୟେ ନିଜ ନିଜ ବାସ ଠାବ କରି ଯେ ।୨।
ପର୍ବତ ଉପରୁ ତମ ଜନ୍ମି ଗିରି ଗ୍ରାସି
କବଳିତ ସେ ଜଗତ କ୍ରମେକ୍ରମେ ପଶି ଯେ ।୩।
ଗୋମାୟୁ ବାଇଲେ ଶଂଖ ଘ   ଭେରୀ ତୁରୀ
ଉଲୁକ୍ଙ୍କ ଖେଚର ଗଣ ସମ୍ବର୍ଦ୍ଧନା କରି ଯେ ।୪।
କୁମୁଦ ରଜନୀ ଗନ୍ଧା ଯେତେ ବନଫୁଲ
ଶଶୀକର ଲଭିବାକୁ ହୋଇଲେ ବିକଳ ଯେ ।୫।
ବିଚୁମ୍ବିଲା ଶଶିତାରା ଅମ୍ବର ଚାତୁରୀ
ଯେ ଯାହାରେ ପ୍ରିୟ ଜନେ ସେ ଲଭେ ମାଧୁରୀ ଯେ ।୬।
ଅଭିସାର ଜନେ ଗଲେ ଅଭିସାର ସ୍ଥଳୀ
ଯେ ଯାହାର ପ୍ରିୟ ଅଟେ ଖୋଜିଲେ ହାନ୍ଦୋଳି ଯେ ।୭।
ଝିଙ୍କାରୀ ଖାଇଲେ ଗୀତ ମଣ୍ଡୁକ ସହିତେ
ରଜନୀ ସଜନୀ ଗୁଣେ ମୁଦ ଅବିରତେ ଯେ ।୮।
ଚୋର ନିନ୍ଦିଲେ ଚନ୍ଦ୍ରମା ନୁହେ ଶଶୀ ଦୋଷୀ
ଜଡ଼ ଜନେ କାବ୍ୟ ନିନ୍ଦା କବି କେବେ ଦୋଷୀ ହେ ।୯।
ଶ୍ୱାନ ରାବେ ଜନପଦେ ନିସ୍ତବ୍ଧ ରଜନୀ
ଶାନ୍ତ ହେଲା ରାଜନଗ୍ର ସମସ୍ତ ଧରଣୀ ଯେ ।୧୦।
ରାଜକାର୍ଯ୍ୟ ସାରି ସ୍ୱାମୀ ବଳରାମ ଦେବ
ଶୟନ କକ୍ଷେ ପ୍ରବେଶ ଧରି ନାନାଭାବ ଯେ ।୧୧।

ଗଜଦନ୍ତ ପଲଙ୍କରେ କରିଲେ ଶୟନ
ନିଶି ପ୍ରବେଶିଲା ଯହୁଁ ନିଶାର୍ଦ୍ଧ ଲଗନ ।୧୨।
ଚତୁର୍ଥ ପ୍ରହର ରାତ୍ର ପ୍ରବେଶିଲା ଯହୁଁ
ଶୟନ କକ୍ଷେ ମିଳିଲେ ଭଗବତୀ ତହୁଁ ଯେ ।୧୩।
ବୋଇଲରେ ବଳରାମ ମତେ ସେବା କରି
ସକଳ ଶକ୍ତି ସଂପଦ ହୁଅ ଅଧିକାରୀ ଯେ ।୧୪।
ଦେଖିଲେ ରାଜନ ବେନି ନେତ୍ରର ପ୍ରାନ୍ତରେ
ବୋଇଲେ ସଭକ୍ତି ଚିତେ ବିନୟ ଭାବରେ ଯେ ।୧୫।
କିଏ ତୁଗୋ ଶକ୍ତିମୟୀ ସଂପଦ ଦାୟିନୀ
ସ୍ୱପ୍ନରେ ତୁ ସେବା ମାଗୁ ବଳରାମେ ପୁଣି ଯେ ।୧୬।
କେଉଁ ଦେଶେ ବାସ ତୁମ କେଉଁଠି ବିହର
କିପରି ସେବିବି ମୁହିଁ ପ୍ରକାଶ ଅଗ୍ରର ଗୋ ।୧୭।
ପୁଛ ଯେବେ ଶୁଣ ବୀର ମୋହର ବୃତ୍ତାନ୍ତ
କାଳର କରାଳ ଚକ୍ର ଗତିହିଁ ବିଚିତ୍ର ହେ ।୧୮।
ସତ୍ୟରେ ମୁଁ ସତ୍ୟବତୀ ଦ୍ୱାପରେ ଦୁରୁଗା
ତ୍ରେତୟାରେ ମହାଶକ୍ତି କଳିରେ କାଳିକା ।୧୯।
ଯେତେବେଳେ ଧର୍ମ ନ୍ୟାୟ କ୍ଷୟ ଏ ଜଗତେ
ସତ୍ୟ ଧର୍ମ ସଂସ୍ଥାପନେ ଜନ୍ମେ ମୁଁ ମରତେ ।୨୦।
ଦୁଷ୍ଟ ମାରି ସନ୍ଥ ପାଳି ରଖିବା ମୋ କାମ
ଏଣୁ ମହାଶକ୍ତି ବୋଲି ରହିଛି ମୋ ନାମ ଯେ ।୨୧।
ମହାକାଳ ଶିବଙ୍କୁ ଯେ କୈଳାସରୁ ଘେନି
ରାବଣ ଲଙ୍କାକୁ ଯେବେ ନେଉଥାଇ ପୁଣି ଯେ ।୨୨।
ବିଷ୍ଣୁଙ୍କ ମାୟାରେ ତେବେ ଅଧାବାଟେ ରହି
ଉଜ୍ଜୟିନୀରେ ରହିଲେ ଚିରଦିନ ସେହି ଯେ ।୨୩।
କୈଳାସ ପର୍ବତେ ମତେ ଦେଖି ଏକାନ୍ତରେ
ମହିରାବଣ ଘେନିଲା ପାତାଳପୁରରେ ।୨୪।

ଦ୍ୱାର ଦେଶେ ଜଗାଇ ସେ ପୂଜେ ପ୍ରତିଦିନ
ଅନିଚ୍ଛାରେ ସେବା କରୁଥିଲି ଯୋଗ୍ନି ସମ ଯେ ।୨୫।
ରାମ ରାବଣର ଯୁଦ୍ଧକାଳେ ସେ ରାବଣ
ଦୁର୍ଦ୍ଦିନରେ ପଡ଼ି ଡାକେ ସେ ମହିରାବଣ ଯେ ।୨୬।
ଏମନ୍ତ ସମୟେ ବୀର ସେ ମହିରାବଣ
ରାମ ଲକ୍ଷ୍ମଣଙ୍କୁ କାଖେ ଜାକି ଆଣି ପୁଣ ।୨୭।
ଏହା ଜାଣି ଭକ୍ତ ତାଙ୍କ ହନୁମାନ ବୀର
ପାତାଳେ ପଶି ଆସିଣ ହାଜର ମୋ ଠାର ଯେ ।୨୮।
ପାତାଳ ମଧ୍ୟ ପ୍ରବେଶ କରନ୍ତେ ସେ ହନୁ
ପଥ ଓଗାଳି ବାରଣ କରିଥିଲି ଯେଣୁ ।୨୯।
ଏକ ଚାପୁଡ଼ା ପ୍ରହାର କରନ୍ତେ ମୋ ଗଣ୍ଡେ
ମୂର୍ଚ୍ଛିତ ହୋଇ ପଡ଼ିଲି ସମୟେକ ଦଣ୍ଡେ ।୩୦।
ବୋଇଲା ସେ କିଏ ତୁରେ ନ ଜାଣି ମୋ ବଳ
ପଥ ଓଗାଳୁଛ ତୁହିଁ ନାରୀ ନିରିବଳ ଯେ ।୩୧।
ଉ ରିଲି ଶିବଙ୍କର ପତ୍ନୀ ମୁଁ ଅଟଇଁ
ବଳାତ୍କାରେ ଧରି ଆଣି ରାବଣର ଭାଇ ଯେ ।୩୨।
ପାତାଳପୁର ଦ୍ୱାରରେ ଦ୍ୱାରୀରୂପେ ରଖି
ନିର୍ଭୟେ ଶୋଇଛି ସେହି ଭୀମ ଦୈତ୍ୟ ପତି ଯେ ।୩୩।
ନାମ ତା ମହିରାବଣ ରାବଣର ଭାଇ
ବର୍ଷକୁ ଷଷ୍ଠ ମାସ ସେ ନିଶ୍ଚିନ୍ତରେ ଶୋଇ ।୩୪।
ପୁଣି ଷଷ୍ଠ ମାସ ଦୈତ୍ୟ ଧରିତ୍ରୀ ଭ୍ରମଇ
ଦେବ ଦାନବ ମାନବ ଯା ଦେଖି ଭକ୍ଷଇ ।୩୫।
ଦେବୀଙ୍କ ବଚନ ଶୁଣି ସେହି ହନୁମନ୍ତ
ବନ୍ଧନ ମୋଚନ କରି ତଡ଼ିଲା ଯେମନ୍ତ ।୩୬।
ଶାକମ୍ଭର ହ୍ରଦ କୂଳେ ବାସ କରୁଥିଲି
ଚୌହାନ ବଂଶରେ ମୁହିଁ ପୂଜିତ ହୋଇଲି ଯେ ।୩୭।

ଶାକମ୍ଭରେ ନାମ ମୋର ଶାକମ୍ଭରୀ ଥିଲା
ଆଶା ପୁରା ନାମ ମୋର ଆଶାପୁରେ ହେଲା ଯେ ।୩୭।
ଗଡ଼ଶମ୍ଭରେ ମୋ ନାମ ଶ୍ରୀଗଡ ଶମ୍ଭରୀ
ପାଟଣାରେ ନାମ ମୋର ଶ୍ରୀପାଟଣେଶ୍ୱରୀ ।୩୮।
ସେମେଳ ତଳେ ପୂଜିବୁ ସମଲାଇ ନାମେ
ସକଳ ଶକ୍ତି ଲଭିବୁ ରାମ ଏହି ଧାମେ ।୩୯।
ଏମନ୍ତ ଦେବୀଙ୍କ ବାର୍ତ୍ତା ସପ୍ନେ ରାମ ଶୁଣି
ତତକ୍ଷଣେ ନିଦ୍ରା ତ୍ୟଜିଲେ ସପ୍ନ କଥା ଗୁଣି ।୪୦।
ପାହିଲା ରଜନୀ ଯେଣୁ ଉଦେ ହେଲେ ରବି
ଉଠିଲେ ନଗରଜନ ଉଠେ ରାଜ ପବି ।୪୧।
ମନ୍ତ୍ରୀଙ୍କୁ ହକାରୀ ନୃପ ବୋଇଲେକ ଗୀର
ଅଦ୍ଭୁତ ସପନ କଥା ଶୁଣ ମନ୍ତ୍ରୀ ବର ।୪୨।
ଅଜଣା ଶକତି ଏକ ଆସି ମୋର ପୁର
ସେବାପାଇଁ ପ୍ରବର୍ତ୍ତାଇ ଯାଇଛି ବିଧିର ।୪୩।
ମହାନଦୀ ତୀରେ ଥିବା ଶାଲ୍ମଳୀ ମୂଳରେ
ବାସ କରେ ସେ ଶକତି ଯିବା ତାର ପୁରେ ।୪୪।
ଏମନ୍ତ କହିଣ ନୃପ ସ୍ନାନ ଶୌଚ ସାରି
ପୂଜା ସମ୍ଭାର ଘେନିଲେ ବିଧି ଅନୁସରି ।୪୫।
ଧୂପଦୀପ ନାରିକେଲ ଜୁଗାର ମନ୍ଦାର
କଳା ଚୂଡ଼ି ଲାଲଛିଟ ସହିତେ ସିନ୍ଦୁର ।୪୬।
ଯାବତ ପୂଜା ସମ୍ଭାର ଧରି ନୃପବର
ଦେବ ଦୁନ୍ଦୁଭି ବଜାଇ ଆସି ଦେବୀପୁର ।୪୭।
କିଛି ପଥ ଅତିକ୍ରାନ୍ତ ହୁଅନ୍ତେ ତାଙ୍କର
ନୟନ ଦୃଷ୍ଟି ପଡ଼ିଲା ଶାଲ୍ମଳୀ ଉପର ।୪୮।
ବିଶାଳ ଉନ୍ନତ ବପୁ ଗଗନ ପ୍ରସାରୀ
ଭୀମ ରୂପକୁ ବୋହିଛି ହିମାଳୟ ପରି ।୪୯।

ଚତୁର୍ଦ୍ଦିଗକୁ ଲମ୍ୱିଛି ତା ଶାଖା ପ୍ରଶାଖା
ପକ୍ଷୀ ମୁଖେ ଡାକୁଅଛି ସ୍ୱାଗତିକା ଭିକ୍ଷା ଯେ ।୫୦।
କେତେବେଳେ ଭୀମ ରୂପେ ତାଣ୍ଡବର ଲୀଳା
କେତେବେଳେ କୃଷ୍ଣ ରୂପେ ଦିଶଇ ଶ୍ୟାମଳା ଯେ ।୫୧।
କେତେବେଳେ ନର ରୂପେ ମସ୍ତକ ମୁଣ୍ଡିତ
କେତେବେଳେ ବାତ୍ୟା ଦର୍ପେ ହୁଅଇ ଲୁଣ୍ଠିତ ଯେ ।୫୨।
କେତେବେଳେ ଦେବ ରୂପେ ହୁଅଇ ପୂଜିତ
କେତେବେଳେ ନାରୀ ରୂପେ ହୁଅଇ ଭୂଷିତ ଯେ ।୫୩।
ଯେତେବେଳେ ତୁଳା ଧରେ ଧବଳା ରୂପକୁ
ବ୍ରହ୍ମଚାରି ପ୍ରାୟଦିଶେ ତା ତନୁ ଶୋଭାକୁ ଯେ ।୫୪।
ବୃକ୍ଷର କେଉଁ ପ୍ରଦେଶ ଶିଶୁରୂପ ରୋହି
ସୁ କୋମଳ ମନୋହର ପଲ୍ଲବକୁ ବୋହି ।୫୫।
ବୃକ୍ଷର କେଉଁ ପ୍ରଦେଶ କିଶୋର ବୟସ
ଅନିଳ ଚାଳନେ ଶାଖା ଚ ଳତା ବକ୍ଷ ଯେ ।୫୬।
ବୃକ୍ଷର କେଉଁ ପ୍ରଦେଶ ଯୌବନେ ଉନ୍ନ
ବ୍ରଣ ମୁଖ ପ୍ରାୟ ତାର ଚର୍ମ କ କିତ ଯେ ।୫୭।
ବୃକ୍ଷର କେଉଁ ପ୍ରଦେଶ ତାରୁଣ୍ୟକୁ ବୋହି
କାର୍ଯ୍ୟରତ ରହିଥାଏ ମରୁତକୁ ଚାହିଁ ଯେ ।୫୮।
ବୃକ୍ଷର କେଉଁ ପ୍ରଦେଶ ଜରାଜୀର୍ଣ୍ଣ ଧରି
ବିଗଳିତ ଶୁଷ୍କ ଶାଖା କେଶ ଦାନ୍ତ ପରି ଯେ ।୫୯।
ବୃକ୍ଷର କେଉଁ ପ୍ରଦେଶ ଭ୍ରମରେ ପୁରିତ
ଭ୍ରମ ଲସିକା ନ ର୍ନେ ଲାଗିଛି ମରୁତ ଯେ ।୬୧।
ତରୁର କେଉଁ ପ୍ରଦେଶ ପିକ କାକ ପୂର୍ଣ୍ଣ
ଗନ୍ଧର୍ବ ପରାୟେ ଛନ୍ଦ ଦିବ୍ୟ ସ୍ୱର ତାନ ଯେ ।୬୨।
ବୃକ୍ଷର କେଉଁ ପ୍ରଦେଶ ପୃଥୁଳ କୁବଜ
ବୃକୋଦର ଉଦରକୁ ଶୋଭଇ ଗମ୍ବୁଜ ଯେ ।୬୩।

ବୃକ୍ଷର କେଉଁ ପ୍ରଦେଶ ଅଶ୍ୱିନୀ ପରାୟେ
ଦେବ ଭେଷଜ ମଣ୍ଡିତ ତାମ୍ବୂଳ ମଦାଙ୍ଗେ ଯେ ।୬୪।
ବୃକ୍ଷର କେଉଁ ପ୍ରଦେଶ ମଧୁପଂଣା ପୂର୍ଣ୍ଣ
କୁ୍ତ କେଶ କୃଷ୍ଣଙ୍କ ଶିର ଶୋଭାବନ ଯେ ।୬୫।
ବୃକ୍ଷର କେଉଁ ପ୍ରଦେଶ ଦୀର୍ଘ ଶାଖା ବୋହି
ଆଜାନୁଲମ୍ବିତ ବାହୁ ରାଜଚିହ୍ନ ରହି ଯେ ।୬୬।
ବୃକ୍ଷର କେଉଁ ପ୍ରଦେଶ ତୁଳା ମାନ ଝଡ଼ି
କଳ୍ପ ଦ୍ରୁମ ବସ୍ତ୍ର ଦାନେ ଅବିରତେ ଜଡ଼ି ଯେ ।୬୮।
ମରୁତ ଦୋଳନ କାଳେ ତାଣ୍ଡବର ଲୀଳା
ଶିବ ରୂପ ସ୍ଥାପେକ ଦିଶଇ ମେଖଳା ଯେ ।୬୯।
ସନ୍ଧ୍ୟା କାଳେ ପକ୍ଷୀଗଣ ଆଶ୍ରା ସ୍ଥଳ ସେହି
କଳ କଳ ତାନେ ଗାନେ ଜଗତକୁ ମୋହି ଯେ ।୭୦।
ବର୍ଣ୍ଣୁଥିଲେ ସରିବାର ନୁହେଁ ଏ ଚରିତ
ବିଶ୍ରିମିଳି ଏ କଥାକୁ ଘେନ ବୁଦ୍ଧିମନ୍ତ ହେ ।୭୧।
ଏମନ୍ତ ଦେବ ବୃକ୍ଷର ମୂଳେ ପୂଜାକରି
ନୃପ ଡାକି ସମ୍ଭାଳାଇ ପୁତ ହୃଦେ ସ୍ମରୀ ଯେ ।୭୨।
ରୋମା୍ଲା ତନୁ ତାଙ୍କ ଦିଶିଲା ଉଜ୍ଜ୍ୱଳ
ପ୍ରାଚୀ ଦିଶି ଉଦେ କିବା ଦିପ୍ତୀ ଭାନୁ ବାଳ ।୭୩।
ଏହାପରେ ବଳଦେବ ତୋଳି ଦେବାଳୟ
ଅଷ୍ଟ ଯୋଗିନୀ ସଙ୍ଗତେ ଭୈରବୀ ଆଳୟ ଯେ ।୭୪।
ଭକ୍ତି କରି ଶକ୍ତି ପାଇ ନୃପ ବଳିୟାନ
ଦିଗ ବିଜୟକୁ ତେଣୁଁ ବୋଲାଇଲେ ମନ ଯେ ।୭୫।

-୦-

ଚତୁର୍ଦ୍ଦଶ ସର୍ଗ: ରାଗ ନଟବାଣୀ
ବଳରାମ ଦେବଙ୍କ ଦିଗ୍‌ବିଜୟ

ବୁଢ଼ାରଜା ତଳେ ଶୋଭଇ ଶିବିର
କୋଳାହଳ ପୂର୍ଣ୍ଣ ସେ ପର୍ବତ ତୀର ।୧।
ଧାଡ଼ିଧାଡ଼ି ହୋଇ ଗୋଶାଳାକୁ ଯାଏ
ଶ୍ୱେତ ତମ୍ବୁ ଶୋଭେ ଥୁଣ୍ଡା ଶୈଳ ପ୍ରାୟେ ।୨।
ଉଡଇ କେତନ ମନ୍ଦ ସମୀରଣେ
ଚକ୍ରବାତେ ଯଥା ଉଡେ ଶୁଷ୍କ ପର୍ଣ୍ଣେ ।୩।
ଝଳସଇ ଅସ୍ତ୍ର ଯୋଛନା କିରଣେ
ଅଭ୍ରଖଣ୍ଡ ଯଥା ଶିକତା ଗ୍ରହଣେ ।୪।
ବାଦିତ୍ର ଶବଦେ କମ୍ପଇ ମେଦିନୀ
କାର୍ଗିଲ ଯୁଦ୍ଧରେ ଯଥା ତା ବନାନୀ ।୫।
ବୀର ତଲବାର ଶୂଳ ଗଦା କରେ
ବିଜୁଳି ପରାୟେ ତେଜ ସୌର କରେ ।୬।
ଧନୁ ବର୍ଚ୍ଛା ଖଣ୍ଡା ଶର କେତେ ତହିଁ
ଝଳସି ଉଠଇ ପ୍ରଦୋଷକୁ ଚାହିଁ ।୭।
ଆଖଡା କରନ୍ତି ଯେତେ ବୀର ମଲ୍ଲ
ମଲ୍ଲ ଯୁଦ୍ଧେ ତହିଁ କଂପେରଣ ସ୍ଥଳ ।୮।
ମେଷ ଯୁଦ୍ଧେ ଯଥା ଦର୍ଶକ ମଣ୍ଡଳୀ
ତାଳି ମାରୁଥାନ୍ତି ଦେଇଣ ବୋବାଳୀ ।୯।
କେତେ ଅଶ୍ୱାରୋହୀ ଘେନି ଅଶ୍ୱବର
କଦମ୍ବେ ବୁଲାଇ ଦିଅନ୍ତି ଚକର ।୧୦।
କେତେ ଧରି ଅସ୍ତ୍ର ମାଜୁଛନ୍ତି ଲୋକେ
ବଣବାଟେ ଯଥା ବନଘାତୀ ଲୋକେ ।୧୧।
ସ୍ଥାନେ ସ୍ଥାନେ କେତେ ଜନବସି ତହିଁ
ଗପ ମାରୁଛନ୍ତି ସଙ୍ଗୀମାନ ଚାହିଁ ।୧୨।

କେତେ ଶିକ୍ଷା ଦ୍ୟନ୍ତି ଧରି କରୀବର
ଯେସନେ ଶିଖାନ୍ତି ଶିଷ୍ୟେ ଗୁରୁବର ।୧୩।
ରଥାରୋହୀ ଜନେ ଚିତ୍ର ବିଚିତ୍ରରେ
ରଥ ମଣ୍ଡୁଥାନ୍ତି, ବିବିଧ ଚିତ୍ରରେ ।୧୪।
ଭାରବାହି କେତେ ଗର୍ଦ୍ଦବାଦି ପୃଷ୍ଟେ
ଖାଦ୍ୟ ବୋହି ଭିଡୁଛନ୍ତି ହୋଇ ଦୃଷ୍ଟେ ।୧୫।
ବାଦ୍ୟକାରଗଣ ଅବିଶ୍ରାନ୍ତେ ତହିଁ
ଯୁଦ୍ଧବାଦ୍ୟ ବାଇ ଦର୍ଶକକୁ ମୋହି ।୧୬।
ସର୍ବେ ନିଜ ନିଜ କବଚ ଲଗାଇ
ବାହାରିଲେ ଯୁଦ୍ଧ ମୁଖେ ମନ ଦେଇ ।୧୭।
ବୀର ବଳରାମ ଅସ୍ତ୍ରେ ସଜ୍ଜ ହୋଇ
ବାହାରିଲେ ପୁରୁଁ ଡାକି ସମଲାଇ ।୧୮।
ସିଂହ ଦ୍ୱାର ପୁରେ ହୁଅନ୍ତେ ବାହାର
ଜୟ ଜୟ ଶବ୍ଦେ କଂପିଲା ସେ ପୁର ।୧୯।
ସମଗ୍ର କୋଶଳୁଁ ଯେତେ ମହାବୀର
ରଣାଙ୍ଗଣେ ସେହୁ ହୋଇଲେ ବାହାର ।୨୦।
ଡକାଇ ବୋଇଲେ ନୃପ ସେନାପତି
ନିଜ ନିଜ ସୈନ୍ୟେ ରଖ ଯଥା ସ୍ଥିତି ।୨୧।
ଆଦ୍ୟେ ରତ୍ନପୁର କରିବା ଗମନ
ଉଡାଇ କେତନ ଫେରିବା ବହନ ।୨୨।
ଦ୍ୱିତୀୟେ ସାରଙ୍ଗ ତୃତୀୟେ ଶକତି
ପରେ ରାୟଗଡ ବୋଲାଇବ ମତି ।୨୩।
ପ ମେ ସୁର୍ଗୁଜା ଷଷ୍ଟେ ଗଙ୍ଗପୁର
ସପ୍ତମେ ବାମଣ୍ଡା ଆକ୍ରମଣ କର ।୨୪।
ନୃପଙ୍କ ବଚନେ ସେନାପତି ଗଣ
ନିଜନିଜ ସୈନ୍ୟ କଲେ ପଦାର୍ପଣ ।୨୫।

ସେ ଜୟ ଶବଦେ କଂପିଲା ମେଦିନୀ
ଭୋଟ କାଳେ ଯଥା ଜୟ ଜୟ ଧ୍ୱନୀ ।୨୬।
ଆଦ୍ୟେ ଅଶ୍ୱାରୋହୀ ତାପରେ ରଥୀକ
ଭୀମ ଗଜାରୋହୀ ପଛେ ପଦାତିକ ।୨୭।
ସୈନ୍ୟ ପଦାଘାତେ କଂପିଲା ଗଗନ
ପ୍ରଳୟେ ଯେସନେ ସମୁଦ୍ର ଗର୍ଜନ ।୨୮।
ଅଶ୍ୱ ଖୁର ଧୂଳି ଆକାଶେ ଉଡ଼ିଲା
କାଳ ବୈଶାଖି କି ଆକାଶେ ଘୋଟିଲା ।୨୯।
ପ୍ରଳୟ ସମୟ କିବା ଉପଗତ
ସମୁଦ୍ର ଲଂଘଇ ବତାସ ସହିତ ।୩୦।
କିବା ଧୂମ କେତୁ ଆସଇ ଗଗନେ
କିବା ସେ ଅଟମ ଫୁଟିଛି ଅଲହ୍ନେ ।୩୧।
ତ୍ରିଶୂଳ ଖଣ୍ଡାର ଆୟୁଧ କିରଣେ
ଚପଳା ସଦୃଶ ରଜରେଣୁ ଘନେ ।୩୨।
ବିକଳେ ଲୁଚିଲେ ରତ୍ନପୁର ଜନେ
ଶାର୍ଦ୍ଦୁଳ ଗମନେ ଯଥା ପଶୁଗଣେ ।୩୩।
ଅରି ଆଗମନେ ରତ୍ନେଶ୍ୱର ସୁତ
ସକଳ ସଇନ ଘେନି ଯୁଦ୍ଧେ ଗତ ।୩୪।
ବେଲୁ ବେଳ ତାଙ୍କ ବଢ଼ିଲା ତୁମୁଳ
ବିଜାର ମହିଷ ସତେ କ୍ରୀଡ଼ା ସ୍ଥଳ ।୩୫।
ବାଜି ବିବିଧ ବୀରବାଦ୍ୟ ଯହୁଁ
ଆୟୁଧ ଆସ୍ଫାଳି ବୀରଧାନ୍ତି ତହୁଁ ।୩୬।
କେହି କେତେ ବୀର କାର୍ମୁକ ଟଙ୍କାରେ
କେତେ ଧାଉଁଥାନ୍ତି ଭୀଷଣ ହୁଙ୍କାରେ ।୩୭।
ଫଳକ ବ ୍ଳ କେତେ ଅସ୍ତ୍ର କୁଳ
ଉନ୍ନତ ମୁଦ୍‌ଗର ଭୂଷନ୍ତି ତ୍ରିଶୂଳ ।୩୮।

କେ ବୋଲଇ ମାର କେ ବୋଇଲ ଧର
କେ ବୋଲଇ ପଲ କେ ବୋଲଇ ହର ।୩୯।
ଏମନ୍ତ ପ୍ରକାରେ ବେନି କୁଳ ଯୁଦ୍ଧ
କେତେ ମଲେ ରଣେ ନୋହିଲା ନିସ୍ତବ୍ଧ ।୪୦।
ସୈନ୍ୟଙ୍କ ଏମନ୍ତ ଦଶା ଦେଖି ନୃପ
ବିଚାରିଲେ ନିଶ୍ଚେ ଦେବୀଙ୍କ ପ୍ରକୋପ ।୪୧।
ସମଲେଶ୍ୱରୀଙ୍କୁ ସ୍ମରଣ କରନ୍ତେ
ବଳଶାଳୀ ହେଲେ ସର୍ବବୀର ସତେ ।୪୨।
ହୁଙ୍କାର କରିଣ ବେଢ଼ିଲେ ନଗର
ବନ୍ଦୀ କଲେ ବୀର ଲକ୍ଷ୍ମଣ କୁମର ।୪୩।
ଜୀବନ ନେବାକୁ ଉଦ୍ୟତ କରନ୍ତେ
ଶରଣ ପଶିଲା ଲକ୍ଷ୍ମଣ ଯୁକତେ ।୪୪।
ବୋଇଲା ରାଜନ ନ ନିଅ ଜୀବନ
ଏ ସମସ୍ତ ରାଜ୍ୟ କରୁଛି ଅର୍ପଣ ।୪୫।
ସାରଙ୍ଗ ଶକତି ରାୟଗଡ କୃତି
ବରଗଡ ଆଦି ଆୟ   ମୋ କତି ।୪୬।
ଦିଅ ବାରେ ମୋତେ ଜୀବନ ମୁକତି
ଅର୍ପଣ କରୁଛି ଆହେ ଶୁଦ୍ଧ ମତି ।୪୭।
ଚାରିଗଡେ ବାନ୍ଧି ବିଜୟ କେତନ
ବାହୁଡିଲେ ବୀର ସକଳ ସଇନ ।୪୮।
ଜୟ ବଳଦେବ ଜୟ ସମଲେଇ
ବାହାରିଲେ ପୁରୁଁ ମୁଖେ ଗାଇଗାଇ ।୪୯।
ବାମଣ୍ଡା ରାଜ୍ୟରେ ହେଲେ ପରବେଶ
ସେ ପୁର ଜିଣିଲେ ଅକ୍ଳେଶେ ନରେଶ ।୫୦।
ତହୁଁ ବିଜେ କଲେ ଗଙ୍ଗପୁରେ ଯାଇ
ବିନା ଯୁଦ୍ଧେ ଭିରୁ ନେଲା ପାଛୋଟାଇ ।୫୧।

ତଦନ୍ତେ ରାଜନ ମୁର୍ଗୁଜା ଗମନ
ସୁମନ ପୁରକୁ ରାବଣ ସମାନ ।୫୨।
ମହାଘୋର ରଣ ଭିଆଇ ସେ ତହିଁ
ବନ୍ଧା ହେଲେ ନୃପ ସୁର୍ଗୁଜା ଗୋସାଇଁ ।୫୩।
ବଡ ଚିନ୍ତା ଲଭି ସୁରଗୁଜେଶ୍ୱର
ମିତ୍ର ପଣେ ତାଙ୍କୁ ବୋଇଲେ ଉ ର ।୫୪।
ଆହେ ବଳରାମ ପଶିଲିଁ ଶରଣ
ଘେନ ମୋ ଦୁହିତା ନ ଦିଅ ମରଣ ।୫୫।
ନବ ଯଉବନୀ କମଳା କୁମାରୀ
ବରମାଲ୍ୟ ଦେବ ଗଳାରେ ତୁମରି ।୫୬।
ସୁର୍ଗୁଜେଶ୍ୱରଙ୍କ ଏ ବଚନ ଶୁଣି
କ୍ରୋଧ ଶାନ୍ତ କଲେ ପ୍ରିୟ ଯୁଦ୍ଧ ମଣି ।୫୭।
ସୁର୍ଗୁଜେଶ୍ୱରଙ୍କ ଚତୁରଙ୍ଗ ବଳ
ବିବିଧ ରତନ ସୁତା ସୁ କୋମଳ ।୫୮।
ଘେନି ବାହାରିଲେ ଆନନ୍ଦ ମନରେ
ଉଡାଇ କେତନ ଉଲ୍ଲାସ ଚି ରେ ।୫୯।
ଗଡ ବରଗଡେ ବିଶ୍ରମି ସମସ୍ତେ
ବିବିଧ ଉସ୍ୱବେ ମାତିଲେ ମରତେ ।୬୦।

-୦-

ପ ଦଶ ସର୍ଗ: ରାଗ କଲ୍ୟାଣ ଆହାରୀ
ବରଗଡ଼େ ଧନୁ ଉତ୍ସବ ଓ ପୌଷ ପୂର୍ଣ୍ଣିମା ପର୍ବ

ଦିନେକ ନରେଶ ବସିଛନ୍ତି ଦିବ୍ୟ ମଣ୍ଡପେ ସୁସ୍ଥିର ଚି ରେ
ସୁବୁଦ୍ଧି ସଚିବ ପ୍ରବେଶ ହୋଇଲା ଅଞ୍ଜଳି ପୁଟକରି ଶିରେ
ବୋଇଲା, ବିନୋଦିଆ କଥା ଯେତିକି,
ଧନୁ ଉତ୍ସବ ଦେଖିବାକୁ ଦେବ ! ସନମତି ହେବ କି ? ।୧।

ବୋଲେ ଚଳଦେବ ହେବ ସିଉକାର କିପରି ସେ ଧନୁ ଉତ୍ସବ
ତାହାର ବିଧାନ ଯଦି ତୁମ୍ଭେ ଜାଣ ପ୍ରକାଶ ତାହାର ଉଭବ
ମନ୍ତ୍ରୀ ହେ ! କେଉଁ କାଳେ ତାହା ଭିଆଣ,
କିପରି ପାଳିବା କେମନ୍ତେ ତୋଳିବା ପ୍ରକାଶ ଏହାର ବିଧାନ ।୨।

ବୋଲେ ମନ୍ତ୍ରୀବର ପୂର୍ବେ କଂସାସୁର ମଥୁରା ନଗର ନରେଶ
ଶ୍ରୀକୃଷ୍ଣ ନିଧନେ ପାଳିଥିଲା ଦିନେ ସେ ଧନୁ ଉତ୍ସବ ବିଶେଷ
ରାଜନ ! ଧନୁମାସେ ତାହା ଭିଆଣ,
ଏକାଦଶ ଦିନେ ସେ କଂସ ରାଜନ ଧାଡିଦେବ ତାର ବିଧାନ ।୩।

ସେ ଗୋପମଥୁରା ବୃନ୍ଦାବନ ତୋରା କାଳିନ୍ଦ୍ରୀ କଦମ୍ବ କାନନ
ଅଘା, ବକା ତୃଣା ଶକଟା ସଙ୍ଗତେ ମୁଷ୍ଟିକ ଚାଣୁର ପୁତନା
ଉତ୍ସବେ, ବିରାଜିବ କଂସ ରାଜନ,
ବିବିଧ ତୋରଣ ହେବ ମ ମାନ କେତେ ଗଜ ଅଶ୍ୱ ବାହନ ।୪।

ଗୋପି ସେ ଗୋପାଳ ଥିବେ ମାଳମାଳ ଯଶୋଦା ସେ ନନ୍ଦ ନୃପତି
କୃଷ୍ଣଙ୍କ ମାୟାରେ ରହିବେ କାୟାରେ ସର୍ବେ ନବ ଯୁବ ଯୁବତୀ
ଉତ୍ସବେ, ରାମକୃଷ୍ଣ ବେନି ଶୋଭିବେ
ଅକ୍ରୂର ଆସିବ ସମସ୍ତ ଭାଷିବ ରଥେ ରାମକୃଷ୍ଣ ଗମିବେ ।୫।

ଆବାଳ ବନିତା ସର୍ବେ ବୃଦ୍ଧବୃଦ୍ଧା ଅନେକ ରହିବେ ନଗରେ
ଶୁଭ୍ର ସଉରଭ ରାଜିବ ରୁଚିର ଲକ୍ଷ୍ମୀ ବିରାଜିବ ନଗରେ
ଏଥକୁ, ଅଧିକାର ଥିବ ଆମ୍ଭର
ଏ ବାଣୀ ଉଦିତ ହେବାରୁ ଶୋଭିତ କଲ୍ଲୋଳ ଆନନ୍ଦ ସାଗରେ ।୬।

ଏ କାଳେ ଡଗର ବଜାଇ ନାଗରା ଶୁଣି ନଗ୍ରଜନ ଉଚ୍ଛନ୍ନ
ଲେଖିନେଲେ ଆସି ମନ୍ତ୍ରୀପାସୁଁ ଆସି ବାକିଥିଲା ଯେତେ ଅଜ୍ଞାନ
ନୂତନେ ସଜାଇଲେ ନିଜ ନିବାସ
କେ ଘର ଲିପାଇ କେହୁ ଝାଡୁଦେଇ ନିର୍ମଳ କରିଲେ ଉଆସ ।୭।

ରଜତ ଚାନ୍ଦିନୀ ନଗରୀ ସଜନୀ ଏତେବେଳେ ରୂପ ବୋହିଲା
ସର୍ବ ଓଟ ହସ୍ତୀ ଗଦାତି ସଇନ ଯାତ୍ରା ଜନମନ ମୋହିଲା
କାଳିନ୍ଦ୍ରୀ, ଜିରାନଦୀ ଧରା ବହିଲା
ଅମ୍ବାପାଲି ଗୋପ ମଥୁରା କଟକ ବରଗଡ଼ ନାମ ରହିଲା ।୮।

ଅଶ୍ୱସେନା ତହୁଁ ଗୋପ ପକ୍ଷ ନେଲେ ଗଜସେନା ପକ୍ଷ ମଥୁରା
ପଦାଦିକ ସୈନ୍ୟ ପରିଚର୍ଯ୍ୟା କଲେ ଗର୍ଦ୍ଧବାଦି ସୈନ୍ୟ ଡିଙ୍ଗୁରା
ନୃପତି, ପରିବାର ସଙ୍ଗେ ଦର୍ଶକ,
ଉତ୍ସବ ଦେଖିଣ ପ୍ରୀତ ପ୍ରଜା ଜନ ଚନ୍ଦ୍ରଉଦେ ସିନ୍ଧୁ ପ୍ରାୟେକ ।୯।

ମଥୁରାରେ କୃଷ୍ଣ ଜନମ ଲଭିଲେ ବଳରାମ ଭାଇ ସଙ୍ଗତେ
ଗୋପପୁରେ ଲୀଳା ଭିଆଇଲେ ଗୋପି ଗୋପାଳଙ୍କ ସଙ୍ଗତେ
ଦହିଲେ, ଦୁଷ୍ଟଜନ ହୃଦ ଇନ୍ଧନ
ଅଘାବକା ତୃଣା ଶକଟା ପୁତନା ବକା ବାଲ୍ୟକାଳେ ନିଧନ ।୧୦।

ବାଲ୍ୟ କାଳେ ଗିରି ଗୋବର୍ଦ୍ଧନ ଟେକି କନିଷ୍ଠା ଅଙ୍ଗୁଳି ଅଗ୍ରର
କାଳିନ୍ଦ୍ରୀ ହ୍ରଦରେ କାଳିୟଦଳନ ଲକ୍ଷେ ପଦ୍ମ ଦେଲେ କଂସର
ଗୋପାଳ, ସଙ୍ଗେ କ୍ରୀଡା କେତେ କାନନେ
ଗୋପାଳୁଣୀ ସଙ୍ଗେ କେଳି ନାନାରଙ୍ଗେ ବିରଚିଲେ କେତେ ବିଧାନେ ।୧୧।

କୁଜନ ଲୋକକୁ ସୁଜନ ନ ରୁଚେ ମୂର୍ଖକୁ ନ ରୁଚେ ବେଦ
ବିଟପି ନାରୀକୁ ପତି ନ ରୁଚଇ ରମ୍ଭା ନ ଜାଣେ କୁଳ ସ୍ୱାଦ,
କୁକୁର, ଜଙ୍ଗଶାଳେ ଥିଲେ ଯେମନ୍ତ
ଦୁଷ୍ଟ ଦୁର୍ମିଳା ନନ୍ଦନ କଂସକୁ ମଥୁରା କଟକ ତେମନ୍ତ ।୧୨।

ପରଧନ ଜନେ ସୁନାରୀ ରତନେ ଯାର ବୋଲିଥାଏ ମତି
ମାଦକ ସେବନେ ମାଂସ ସୁରାପାନେ ଭୋଗବିଳାସକୁ ଗତି
ସେ ବ୍ୟକ୍ତି, ଅଜାସୁତ ଆୟୁ ସଦୃଶ
ବ୍ୟଭିଚାରୀ ଲା 1 ଅହଂକାରୀ ବ୍ୟକ୍ତି ଏମାନଙ୍କ ହୁଏ ବିନାଶ ।୧୩।

ପରଶ୍ରୀ କାତର ମାଫିଖିଆ ନର ନେତା ପଛୁଆଳ ଯେତେକ
କୁଳର ଅଙ୍ଗାର କଳାଧନ କାର ଶଠ ବଇମାନ ପେଁଚକ
ଅଳପେ, ବଂଶ ନାଶ ଯାଏ ତାଙ୍କର,
କଂସ ଦୁରାଚାର ରାବଣ ପାମର ଧ୍ୱଂସ ହେଲେ ଯଥା ମ ର୍ୟର ।୧୪।

କଂସ ରାଜା ଦିନେ ନାରଦ ଆନନେ ଶୁଣିଥିଲା ତା ମୃତ୍ୟୁଭେଦ
ଭଣଜା ହାତରେ ମୃତ୍ୟୁ ରଜ୍ଜୁ ତାର ବିଧାତା ରଖିଛି ବିପଦ
ବିଧାନେ, କାରାବାସେ ଭଗ୍ନୀ ଭିଣୋଇ
ଭ୍ରୁଣ ସଂଚାରିଲେ ଦଶମାସ ଯାଏ ଶିଙ୍କୁଳି ଶରୀର ଲଗାଇ ।୧୫।

ଅଗ୍ରଜ ଜନମେ ଫିଙ୍ଗିଲା ବହନେ କୃଷ୍ଣ ଗଲେ ପିତା ଶିରରେ
କଂସ ଅଭିଶପ୍ତ ଗୋପର ସନ୍ତକ ନନ୍ଦ ଯଶୋଦା କୋଳରେ
ସଂବାଦ, ବିଜୁଳି କନ୍ୟା ମୁଖେ ଯାଇ
ପୁନଃପୁନଃ ଗୁପ୍ତ ଘାତକ ପଠାଇ ପଣ୍ଡ ହେଲା ଗଣ୍ଡ ଭିଆଇ ।୧୬।

ସଶରୀରେ କଂସ ଗୋପେ ପ୍ରବେଶିଲେ ମୁରଧା ଫାଟିବ ତାହାର
ଋଷି ଅଭିଶାପେ ଗୋପେ ହାରେ କୋପେ ଗମନ ନୋହିବ ତାହାର
କାରଣେ ଭିଆଇଲା ଧନୁ ଉତ୍ସବ,
ଗୋପାଳ ନନ୍ଦନ ଡକାଇ ବହନ ଘାତକ ଲଗାଇ ବଧିବ ।୧୭।

ନାନାକୁଟ ପା ି ଦୁତ ପଠିଆଇ ଅଣାଇଲା ରାମ କୃଷ୍ଣଙ୍କୁ
ରାମକୃଷ୍ଣ ବିନା ଗୋପାଳି ବାଉଳୀ ବରିଲେ ମରଣପଥକୁ
ବିଧାନେ, ଝୁରୀ ଝୁରୀ କୁଶ ଶରୀର
ସ୍ମରୀ ସ୍ମରୀ ତହିଁ ପଥଚାହିଁ ଚାହିଁ ଉଜ୍ଜ୍ୱଳ ଭରସା ଅନ୍ଧାର ।୧୮।

ମଥୁରା ଗମନ ଶ୍ରୀରାଧା ମୋହନ ପୁରବାସୀ ଦେଖି ବିକଳ
କଅଁଳା ବାଳକ ହତ କରି କଂସ କେଉଁ ଯଶ ତାର ଉଜ୍ଜ୍ୱଳ
ନୟନୁ, ଧାରଧାର ନୀର ଗଡଇ
ଦର୍ଶକ ହୃଦୟ ଗବ୍ୟଘୃତ ପ୍ରାୟ ତାପଘାତେ ଯଥା ଗଳଇ ।୧୯।

ବଡ଼ ଲୋକ ଦୋଷ ଅଟଇ ବିହିତ ପବିତ୍ର କର୍ମ କୁଶଳ
ସାନଲୋକ ଦୋଷ ଡହକ ବିକଳ ଅଧର୍ମ କୁକର୍ମ ମୁଷଳ
ସୁଜନେ, କଂସର ଏମନ୍ତ ବିଚାର,
ଧନୀ ମାନୀ ମନ୍ତ୍ରୀ ମୁରବି ପଦବି ଏମାନଙ୍କ ମତି ସଂସାର ।୨୦।

କୃଷ୍ଣ ବେନିଭାଇ ଦେଖିଲେ ଅନାଇ ମଥୁରା ନଗର ଲାବଣ୍ୟ
ପୂର୍ଣ୍ଣ କୋଳାହଳ ଗହଳ ଚହଳ ପୁରିଅଛି ଲୋକ ଅରଣ୍ୟ
ନିବିଡେ ପଡ଼ି ତିଳ ତୈଳ ଲଭିବ
ପ୍ରସ୍ତର ପଡ଼ିଲେ ପାଦଘାତ ବାଜି ଅବିରକୁ ପ୍ରାପ୍ତ ହୋଇବ ।୨୧।

ଚାରିଦିଗେ ଶୋଭା ଦିଶେ ମନଲୋଭା ବିବିଧ ନୃତ୍ୟ ସଙ୍ଗୀତ
ମୀନା ବଜାରର ଦୋଳି ଖେଳ ଦୃଶ୍ୟ କରିଥାଏ ମନ ପ୍ରୀତ
ସୁଜନେ କେତେ ରାଧାକୃଷ୍ଣ ଖେଳନ୍ତି
ବେନିପଥ ପାର୍ଶ୍ୱେ ବିବିଧ ଆପଣ ମିଷ୍ଟାନ୍ନ ବିକ୍ରୟ କରନ୍ତି ।୨୨।

ଫୁଲ ଫଳ ଭରା ବିବିଧ ପସରା ସ୍ଥାନେ ସ୍ଥାନେ ବସିଥାନ୍ତି
ଗ୍ରାହକ ଜନଙ୍କ ପସନ୍ଦ ଦାୟକ ବିବିଧ ଜିନିଷ ବିକନ୍ତି
ବିବୁଧେ, ଶିଶୁ ମନଲୋଭା ଯେତେକ
କନ୍ଦୁକ, ବନ୍ଧୁକ ଯାବତ ଖେଳଣା ମନଭରା ପରିପୂରକ ।୨୩।

ବସନ ବାସନ ନବ ପରିଧାନ ସୁନା ରୂପା ଯେତେ ଅମୂଲ୍ୟ
ଭଣ୍ଡାର ଭଣ୍ଡାର ରହିଛି ଅପାର ପାହାଡ଼ ପର୍ବତ ସେ ତୁଲ୍ୟ
ସୁଜନେ ଦୁର୍ଲଭ ସୁଲଭ ନଗରେ
ଡାକୁଥାନ୍ତି ଧରି ହାତ ମୁଠାକରି ବଣିକ ଗ୍ରାହକେ ଆତୁରେ ।୨୪।

ନିଶାକାଳେ ନାଟ ପାଲାକାଠି ନାଚ ଦଣ୍ଡ ଚିତ୍ର ରାସ ମଣ୍ଡଳୀ
ଦେଖି ଜନମାନ ମଣୁଥାନ୍ତି ଧନ୍ୟ କଥା ନୁହେଁ ତାଙ୍କ ସମ୍ଭାଳି
ଦିବସେ କଂସରାଜ ନଗ୍ର ଭ୍ରମନ୍ତି
ଅଳପ ତୃଟିଟି ଦେଖିଲେ ଲୋକଙ୍କୁ ମହାଦଣ୍ଡ ଦେଇଥାନ୍ତି ।୨୫।

ଧନୁ ଶେଷ ଦିନ ପ୍ରବେଶ କରନ୍ତେ ମ   ବିଜେ କଂସ ରାଜନ
ରାମକୃଷ୍ଣ ଦେଖି ପରାଣ ତେଜିଲା ଦୈତ୍ୟ କୁଳେ ଦେଲା ଦାରୁଣ
ସୁଜନେ ସନ୍ଥ ଜନ ହେଲେ ସନ୍ତୋଷ
ଦୁଷ୍ଟ ଜନମାନେ ବିକଳେ କାନ୍ଦିଲେ ଯାତ୍ରା ଶେଷେ ହେଲେ ନିରାଶ ।୨୬।

ହେଲା ଧନୁମାସ ପୂର୍ଣ୍ଣିମା ଦିବସ କଂସ ପରି ଦୁଷ୍ଟ ନିଧନ
ସାରା କୋଶଳରେ ଡିଙ୍ଗରା ପଡ଼ିଲା ସର୍ବେ ଆଜଦିନ ସ୍ୱାଧୀନ
କୋଶଳେ ମହାପର୍ବ ଏହା ରହିବ
ସର୍ବଗୃହେ ପିଠା ଆରିସା କାକରା ମଦମାଂସ ରାଜ୍ୟେ ବହିବ ।୨୭।

ଷଡ଼ରସ ଭୋଗ ରାଜ୍ୟେ ଉଛୁଳିଲା ନୃତ୍ୟ ଗୀତ ବାଦ୍ୟ ଯାବତ
ଆବିପ୍ର ଚାଣ୍ଡାଳ ଭିକ୍ଷୁକ ଅମୀର ସର୍ବଭୋଗ ହେବ ଦିବସ
ରାଜ୍ୟରେ ପରାଧୀନ କେହି ନ ଥିବେ
ଏମନ୍ତ ଶୁଣିଣ ସର୍ବ ପ୍ରଜାଗଣ ଏ ସୁଯୋଗ କାହୁଁ ଛାଡ଼ିବେ ।୨୮।

ଏମନ୍ତ ପ୍ରକାରେ ବଳରାମ ଦେବ ରାଜ୍ୟେ ମହୋତ୍ସବ ଭିଆଇ
ସକଳ ସଇନ ସେତହୁଁ ଘେନିଣ ସମଲେଇ ପୁର ଗମଇ
ସେ କାଳୁଁ, ଚଳି ଆସୁଅଛି ସେହି ପ୍ରଥା
ସେଧନୁ ଉତ୍ସବ ସେ ପୂର୍ଣ୍ଣିମା ପର୍ବ ରହିଅଛି ଏହି ଗାଥା ।୨୯।

-୦-

ଷୋଡ଼ଶ ସର୍ଗ: ରାଗ ଚତୁର୍ଦ୍ଦଶାକ୍ଷରୀ
ବସନ୍ତ ବର୍ଣ୍ଣନା ଓ ବଳରାମ ଦେବଙ୍କ ଶାସନ ପ୍ରଣାଳୀ

ଦକ୍ଷିଣାୟନକୁ ତେଜି ଉ ରେ ତପନ
ବିବାହ ଶୈଶବ ରୂପ ନବ ଯଉବନ ।୧।
ବିଷୀର୍ଣ୍ଣ ନିଷ୍ଠୁର ଶୀତ ବିନାଶିଲା ଧରା
କ୍ରମେ କ୍ରମେ ପ୍ରାପ୍ତ ବୟଃ ପ୍ରକାଶିଲା ଖରା ।୨।
ଧରଣୀ ବକ୍ଷରେ ତରୁ ଲତା ଗୁଳ୍ମ ଯେତେ
ଯୌବନାଳଙ୍କାର ପ୍ରାୟ ବିକାଶେ ମରତେ ।୩।
ନବ ପଲ୍ଲବିତ ପର୍ଣ୍ଣେ ବିମଣ୍ଡିତ ହୋଇ
ନବ ପରିଧାନ ପ୍ରାୟ ଶୋଭା ପ୍ରକାଶଇ ।୪।
ବକୁଳ କୁସୁମ କଢ଼ କଅଁଳା ଅଗ୍ରର
ବିଜନିତ ଯୁବ ପ୍ରାୟ ଲାବଣ୍ୟ ଅଙ୍ଗର ।୫।
ଅଷ୍ଟବିଂଶ ଅଳଙ୍କାର ଯୌବନ ପ୍ରକାର
ପୂର୍ଣ୍ଣ ପ୍ରାପ୍ତ ଯୁବ ପ୍ରାୟ ବସନ୍ତ ଧରାର ।୬।
ବିକଂପନ ହୃଦରୂପ ଝିଙ୍କାର ଝିଙ୍କାରୀ
ଚ ଳ ଅସ୍ଥିର ଚି   ସୁରଭି ଭ୍ରମରୀ ।୭।
ମଳୟ ସମୀର ସଙ୍ଗେ କର୍ଣ୍ଣଜପ ଭୃଙ୍ଗ
ଆଳାପ ଆଳାପି ପିକ କୁସୁମ ବିହଙ୍ଗ ।୮।
ଟାହି ଟାପରା କୋକିଳ ପ୍ରିୟ ପୂର୍ଣ୍ଣଇନ୍ଦୁ
ପୂର୍ଣ୍ଣ ଯଉବନ ରୂପ ବସନ୍ତ କୁଳେନ୍ଦୁ ।୯।
କ୍ରମେ କ୍ରମେ ବର୍ଦ୍ଧମାନ ପ୍ରକୃତି ଲାବଣ୍ୟ
ବିକଶିତ ନବ ଯୁବ ପ୍ରାପ୍ତ ଯଉବନ ।୧୦।
ଶାଳ୍ମଳୀ କିଂଶୁକ ବନୁ ପ୍ରଜ୍ଜ୍ୱଳିତ ଜ୍ୟୋତି
କୁସୁମ ପୁରଣ ଧରା ମନୋହର କାନ୍ତି ।୧୧।
କୁସୁମ ମଧୁ ଚୁମ୍ବିତ ମଧୁପ୍ରିୟ ପକ୍ଷୀ
ପ ଶର ନିଯୋଝିଲା କାମପ୍ରିୟା ଲକ୍ଷି ।୧୨।

ଏଥୁ ଅନ୍ତେ ଶୁଣ ଜନେ ବଳଦେବ କୀର୍ତ୍ତି
ମନ୍ଦିର ତୋଳାଇ ଦେବେ କରିଲେ ଆଳତି ।୧୩।
ସ୍ଥାପିଲେ ସମଲେଶ୍ୱରୀ ହୃଦୟ ମନ୍ଦିରେ
ଜିଣିଲେ ଷୋଳହ ଗଡ଼ ବୀରତ୍ୱେ ରଣରେ ।୧୪।
ସୁର୍ଗୁଜେଶ୍ୱରଙ୍କ ବିଷ୍ଣୁ ଅନନ୍ତ ମୂରତି
ମନ୍ଦିର ନିର୍ମାଣ କରି ରଖିଲେ କୀରତି ।୧୫।
ତଦନ୍ତେ ପାଟଣେଶ୍ୱରୀ ମନ୍ଦିର ବିରଚି
ବିବିଧ କାରୁକାର୍ଯ୍ୟରେ ଦେହରେ ତା ଖଚି ।୧୬।
ବାଲିବନ୍ଧ ବାନ୍ଧି ତହୁଁ କୀରତି ରଖିଲେ
ଜଳାଶୟମାନ ଖୋଳି ଭୂମିଦାନ କଲେ ।୧୭।
ପ୍ରମାର ପୂଜକ ସ୍ଥାପି ଦେବତା ଆଳରେ
ପ୍ରତିଦିନ ହୋମାହୂତି କଲେ ସେ ପୁତରେ ।୧୮।
ପୂଜିଲେ ଶିବଙ୍କ ସଙ୍ଗେ ଶିବା ସମଲେଇ
ବିବିଧ ପରବମାନ ଦେଲେ ସେ ଭିଆଇ ।୧୯।
ଫାଲଗୁନ ମାସର ଏହି ପୂର୍ଣ୍ଣିମା ଦିବସେ
ଗୁଣି ପରବ ବୋଲିଣ ରହି ମାସ ଶେଷେ ।୨୦।
ବିବିଧ କୁସୁମ ଫଳ ସଂଗ୍ରହ କରିଣ
ଅର୍ପନ୍ତି କୋଶଳେ ପ୍ରଜା ହୋଇ ସୁପ୍ରସନ୍ନ ।୨୧।
ବୈଶାଖ ଶୁକ୍ଳ ତୃତୀୟା ସେବି ଲକ୍ଷ୍ମୀ ପ୍ରଜା
ପ୍ରଥମ ଶସ୍ୟ ବୁଣନ୍ତି ଆନନ୍ଦେ ପରଜା ।୨୨।
ଆଷାଢ଼େ ଜଗନ୍ନାଥଙ୍କୁ ସେବି ନୃପମଣି
ସେବାୟ   ସଙ୍ଗେ ଭକ୍ତ ରଥ ଗ୍ରାମେ ଟାଣି ।୨୩।
ଶ୍ରାବଣେ ରକ୍ଷା ବନ୍ଧନ ଭିଆଣ କରିଣ
ଭାତୃ ପ୍ରେମ ରଖିବାକୁ ଭଗ୍ନି ସେବେ ଜାଣ ।୨୪।
ଭାଦ୍ରବ କୃଷ୍ଣ ଅଷ୍ଟମୀ କୃଷ୍ଣ ଜନ୍ମ ପାଳି
ମହା ଆଡମ୍ବରେ ଜନ ସେବି ବନମାଳି ।୨୫।

ଭାଦ୍ରବ ଶୁକ୍ଳ ଚତୁର୍ଥୀ ସେବି ଗଜାନନ
ବିଘ୍ନ ବିନାଶନ ଅର୍ଥେ ପରବ ପାଳନ ।୨୬।
ଭାଦ୍ରବ ଶୁକ୍ଳ ପ ମୀ ନବାନ୍ନ ପରବ
ଭିଆଣ କରିଲେ ବୀର ରଖି ନାନା ଭାବ ।୨୭।
ଆଶ୍ୱିନ ମାସ ଶୁକଳ ଦଶମୀ ତିଥିରେ
ପୂଜିଲେ ଦଶଭୂଜାଙ୍କୁ ସଭକ୍ତି ଚି ରେ ।୨୮।
କାର୍ିକ ମାସେ କୁମାର ପର୍ବମାନ ପାଳି
ପବିତ୍ର କରିଲେ ବୀର ଗ୍ରାମସଭା ସ୍ଥଳୀ ।୨୯।
ମାସ ଶ୍ରେଷ୍ଠ ମାର୍ଗଶିରେ ସେବି ମହାଲକ୍ଷ୍ମୀ
ଅଷ୍ଟ ଐଶ୍ୱର୍ଯ୍ୟ ଲଭିଲେ ପୂର୍ଣ୍ଣ ରାଜଲକ୍ଷ୍ମୀ ।୩୦।
ପୌଷମାସେ ପୂର୍ଣ୍ଣିମାର ପବିତ୍ର ଦିବସେ
ଆନନ୍ଦ ପାଳିଲେ ପ୍ରଜା କୋଶଳର ଦେଶେ ।୩୧।
ମାଘ ମାସ ଶ୍ରୀପ ମୀ ଶୁଭମୟ ଦିନେ
ପୂଜନ୍ତି ଆନନ୍ଦେ ପ୍ରଜା ବାଣୀ ଆବାହନେ ।୩୨।
ଏମନ୍ତ ଦ୍ୱାଦଶ ମାସେ ପର୍ବମାନ ପାଳି
ସୁଖରେ ବାସ କରନ୍ତି କୋଶଳେ କୋଶଳୀ ।୩୩।
ତୋଳିଲେ ରାଜ୍ୟରେ ରାଜା ଦକ୍ଷ ଶିକ୍ଷା ସ୍ଥଳୀ
ଜଡତ୍ୱ ନାଶିଲେ ଜନେ ହେଲେ ବିଜ୍ଞ ବଳୀ ।୩୪।
ରୋଗ ନିବାରଣ ଅର୍ଥେ ଖୋଲି ବୈଦ୍ୟ ଖାନା
ଉଡିଲା କୋଶଳ ଦେଶେ ନିରାମୟ ବାନା ।୩୫।
କୃଷିର ଉନ୍ନତି ପାଇଁ ଖୋଲି ଜଳାଶୟ
ଦେଶକୁ ସେ କରିଥିଲେ ଶ୍ୟାମଳିମାମୟ ।୩୬।
ଭିକ୍ଷୁକ ଭୋଖିଲା ଜନେ ଅନ୍ନ ପ୍ରଦାନରେ
ଖୋଲିଥିଲେ ଅନ୍ନ ଶାଳା ବିଭିନ୍ନ ପ୍ରାନ୍ତରେ ।୩୭।
ମନୋରଞ୍ଜନ ସକାଶେ ଭୋଗୀ ରୋଗୀଜନେ
ଖୋଲିଥିଲେ ଚିତ୍ରଶାଳା ରାଜା ସୁପ୍ରସନ୍ନେ ।୩୮।

ଚୋର ତସ୍କର ଦୁଷ୍ଟଙ୍କ ଦଣ୍ଡର ବିଧାନେ
ଦଣ୍ଡକାର ରଖିଥିଲେ ରାଜ୍ୟେ ସ୍ଥାନେ ସ୍ଥାନେ ।୩୯।
ଦେବତାଙ୍କ ପ୍ରୀତି ଅର୍ଥେ ତୋଳି ଯଜ୍ଞଶାଳା
ବେଦଜ୍ଞ ବ୍ରାହ୍ମଣ ରଖି ହୋମାହୁତି କଲା ।୪୦।
ବଳରାମ ଥିବା ଯାଏ ଅନାବୃଷ୍ଟି ନାହିଁ
ଅନ୍ନ ଅଭାବ ରାଜ୍ୟରେ ଥିବା ଅବା କାହିଁ ।୪୧।
ପୁତ୍ରପରି ବଳରାମ ପ୍ରଜାଗଣେ ରଖି
ଇନ୍ଦ୍ର ତୁଲ୍ୟ ପାଳିଥିଲେ ପ୍ରଜାଥିଲେ ସୁଖି ।୪୨।

-୦-

ସପ୍ତଦଶ ସର୍ଗ: ରାଗ ଭୂପାଳ
ପାଟଣାଗଡେ ଅରାଜକତା, ପୁତ୍ର ହମୀର ଦେବଙ୍କୁ ସମାଧାନ ପାଇଁ ପ୍ରେରଣ ଓ ବଳରାମଙ୍କ ଦେହାନ୍ତ ।

ବସିଛନ୍ତି ବଳରାମ ସଭାମଧ୍ୟେ
ଦଣ୍ଡଧାରୀ ଦ୍ୱାରୀ କହେ ସବିନୟେ ।୧।
ସିଂହ ଚିତ୍ର ଦ୍ୱାରେ ହୋଇଛନ୍ତି ସ୍ଥିତ
ବହି ପାଟଣା ବାର୍ତ୍ତା ପାଟଣା ଦୂତ ।୨।
ଦେବ ଆଦେଶିଲେ ଆଣିବି ଡକାଇ
ରହିଲିଁ ପ୍ରଭୋଙ୍କ ଅବଧାନ ପାଇଁ ।୩।
ରାଜା ବୋଇଲେ ଶୀଘ୍ର ଧରି ଆଣ
ମହା ଗୁଣବାର୍ତ୍ତା ଆସିଥିବ ଜାଣ ।୪।
ତରତର ହୋଇ ଦ୍ୱାରୀବର ଗଲା
ରାଜାଙ୍କ ସନ୍ନିଧି ଦଣ୍ଡାୟମାନ ହେଲା ।୫।
ନୃପଙ୍କୁ ଓଲଗି ସେହି ଦ୍ୱାରୀ ବର
ଧୀର ସ୍ୱରେ ତହୁଁ କହିଲାକ ଗୀର ।୬।
ଶୁଣ ନୃପବର ପାଟଣା ଖବର
ଦୁଃଖ ତରତର ଅଟେ ଗୁରୁତର ।୭।
ନରସିଂହ ଗଲେ ସ୍ୱର୍ଗ ଧାମ ପଥେ
ହମୀର ଦେବ ରାଜା ପାଟଣା ଯୁକତେ ।୮।
ତୃତୀୟ ବରଷେ ତାଙ୍କର ମରଣ
ସପ୍ତ ମାସ ପୁତ୍ର ହୋଇଲା ରାଜନ ।୯।
ବିଧବା ରାଣୀଙ୍କୁ ରାଜ୍ୟ ଭାର ଦେଇ
ଚାଲିଗଲେ ପ୍ରଭୁ ରାଜ୍ୟ ସମଲେଇ ।୧୦।
ଅବଳା ରାଣୀଙ୍କ ଅବହେଳା ଦେଖି
ଅତ୍ୟାଚାରୀ ହେଲେ ରାଜମନ୍ତ୍ରୀ ରକ୍ଷୀ ।୧୧।

ହୃଦୟଙ୍କ ରାଣୀ ରୋଷାୟିତ ହୋଇ
ତଡିଦେଲେ ମନ୍ତ୍ରୀ ଅତ୍ୟାଚାରୀ ସେହି ।୧୨।
ରାଜକର୍ମଚାରୀ କୁମନ୍ତ୍ରଣାରେ ପଡ଼ି
ନନ୍ଦପୁର ଗଲେ ନିଜ ରାଜ୍ୟ ଛାଡି ।୧୩।
ରାଜା ଶୂନ୍ୟ ହେତୁ ଏ ପାଟଣାଗଡ
ଅରାଜକ ହୋଇ ହେଲା ଗଡବଡ ।୧୪।
ଏତିକି କହିଣ ଦୂତ ମହାଧନ
ବିଦାୟ ଘେନିଲା ନିଜ ବାସସ୍ଥାନ ।୧୫।
ପୁତ୍ରଙ୍କୁ ହକାରୀ ବଳରାମ ଦେବ
ହସ୍ତକ୍ଷେପ କଲେ ପାଟଣା ବିଭବ ।୧୬।
ହୃଦୟନାରାୟଣ ନିଜ ପୁତ୍ରେ ପେସି
ଶାସନ କରିଲେ ପାଟଣା ପଡୋଶୀ ।୧୭।
ବିଧବା ରାଣୀଙ୍କୁ ଭ । ଯୋଗାଇଲେ
ପାଟଣାଗଡକୁ ଅଧିକାର କଲେ ।୧୮।
ଏହା ଦେଖି ରାଜ୍ୟ ରାଜମନ୍ତ୍ରୀ ଗଣେ
ଅଭିଯୋଗ କଲେ ଜଣେ ପରେ ଜଣେ ।୧୯।
ଏହା ଜାଣି ରାଜା ଅଭିଯୋଗ ଜନେ
ସମଲପୁରରେ ବାସ ଦେଲେ ପଣେ ।୨୦।
ଅନ୍ୟେ ଯେତେ ଲୋକ ବାଧା ଭିଆଇଲେ
ସମଲପୁରରେ ରାଜକାର୍ଯ୍ୟ ଦେଲେ ।୨୧।
ଯେ ଜନ ଆସିଲା ସମଲପୁରକୁ
ବାସ ଦେଲେ ରାଜା ଅକୁଣ୍ଠିତେ ତାକୁ ।୨୨।
ଏମନ୍ତ ପ୍ରକାରେ ବଢ଼ିଲା ଏ ପୁର
ମୁହାଣ କୋଣରୁ ଦେବୀଙ୍କ ମନ୍ଦିର ।୨୩।
ଉ ରରେ ଛତ୍ର ସାଗରକୁ ଲମ୍ବି
ଦକ୍ଷିଣେ ଶୋଭିଲା ମହାନଦୀ ଛବି ।୨୪।

ଜେମା ଦେଇ ଘର ତୋଳି ନୃପବର
ଗଡ଼ ଗଢ଼ିଥିଲେ ଏ ସମଲପୁର ।୨୫।
କିଛି କାଳ ଅନ୍ତେ ଭୋଗକରି ରାଜା
ସ୍ୱର୍ଗେ ବାସ କଲେ ଛାଡି ଦେଶ ପ୍ରଜା ।୨୬।
ଅଭିଷେକ ହେଲେ ହୃଦୟ ରାଜନ
ସପ୍ତଦଶ ସର୍ଗେ ଗୀତ ସମାପନ ।୨୭।

-୦-